# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଟାୱାର ତଳୁ ମୃତଦେହ ମିଳିବା ଘଟଣା

**ମଙ୍ଗଳବାର ମଧ୍ୟାହ୍ନରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ସନ୍ଧ୍ୟାରେ ଗାଁ ଉପକଣ୍ଠରେ ଥିବା ଏକ ଟାୱାର ନିକଟରୁ ନାବାଳିକାଙ୍କ ମୃତଦେହ ମିଳିଲା। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ଫିଙ୍ଗାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପରିବାର ଲୋକେ ଏବଂ ଗ୍ରାମବାସୀ ବୁଧବାର ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତଙ୍କୁ ୧୫ଦିନ ମଧ୍ୟରେ ଗିରଫ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବା ନେଇ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।**


ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ ଓ ଲୋକ ପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୮।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ପଞ୍ଚାୟତ ସଦର ଗ୍ରାମରେ ଜଣେ ୧୧ବର୍ଷୀୟା ନାବାଳିକା ଶୌଚ ହେବାପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଘରୁ ବାହାରିଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୭ଟାରେ ତାଙ୍କ ମୃତଦେହ ଟାୱାର ତଳୁ ମିଳିଥିଲା। ରାତି ୧୦ଟାରେ ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହିତ ବୁଧବାର ଗାଁରେ ଦୋକାନ ବଜାର ଓ ବିଦ୍ୟାଳୟ ବନ୍ଦ ରହିବା ସହ ପଥର ଓ କାଠ ପକାଇ ଗାଁ ଭିତରକୁ ଯିବା ରାସ୍ତା ବନ୍ଦ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠାଯିବ ନାହିଁ ବୋଲି ଗ୍ରାମବାସୀ ଓ ପରିବାର ଲୋକେ ଜିଦ୍‌ ଧରିଥିଲେ। ପୋଲିସ, ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତଙ୍କୁ ୧୫ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର ଓ ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ରେଡ୍‌କ୍ରସରୁ ୨୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଅପରାହ୍ନ ୨ଟା ୩୦ରେ ମୃତଦେହ ଉଠାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୨/୨୪) ରୁଜୁ କରିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଏବଂ କୋରାପୁଟ ଏସ୍‌ପି ଅଭିନବ ସୋନକାର କଣ୍ଟାଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍‌ ଗଠନ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଆଇଜି ମୀନା କହିଛନ୍ତି।

ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସକୁ କହିଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ରାଜ୍ୟ ସରକାର ଓ ଜିଲା ପୋଲିସ ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ। ତୁରନ୍ତ ଅଭିଯୁକ୍ତଙ୍କୁ ଧରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର, ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା, ଡିଆଇବି ଡିଏସ୍‌ପି ମନୋଜ ପୂଜାରୀ, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଗୋପାଳ କୃଷ୍ଣ ଅଗ୍ରପାତ୍ର ଡଗ୍‌ ସ୍କ୍ୱାଡ୍‌ ଓ ସାଇଣ୍ଟିଫିକ୍‌ ଟିମ୍‌ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତାଙ୍କ ପରିବାର ଭୂମିହୀନ ହୋଇଥିବାରୁ ସେମାନଙ୍କୁ ଜମି ସହିତ ସରକାର ୨୦ ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ପ୍ରଶାସନ ନିକଟରେ ମା' ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଦାବି କରିଛନ୍ତି। ଡିଏଲ୍‌ଏସ୍‌ଏ ପକ୍ଷରୁ କିଭଳି ପୀଡ଼ିତାଙ୍କ ପରିବାରକୁ କିପରି ୧୦ଲକ୍ଷ ଟଙ୍କା ମିଳିବ ସେ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ କହିଥିଲେ। ପରିବାର ଯଦି ଭୂମିହୀନ ତେବେ ବସୁନ୍ଧରା ଯୋଜନା ଅନୁଯାୟୀ ଜମି ଯୋଗାଇ ଦିଆଯିବ। ଡିଏଲ୍‌ଏସ୍‌ଏ କମିଟିରେ ଆଲୋଚନା କରାଯାଇ ଅଧିକରୁ ଅଧିକ ସହାୟତା ପ୍ରଦାନ ପାଇଁ ପ୍ରଶାସନ ଉଦ୍ୟମ କରିବ ବୋଲି ଉପଜିଲାପାଳ ମିଶ୍ର କହିଥିଲେ। ଅଭିଯୁକ୍ତଙ୍କୁ ଧରିବା ନେଇ ଲିଖିତ ପ୍ରତିଶ୍ରୁତି ଓ ରେଡ୍‌କ୍ରସ୍‌ ପାଣ୍ଠି, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖାଇବା ବେଳେ ସାଥୀ ଯବାନଙ୍କୁ ଗୁଳି, ୨ ମୃତ

ମାଲକାନଗିରି,୧୮।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବଳରାମପୁର ଜିଲା ସମରୀ ଥାନା ଅନ୍ତର୍ଗତ ଭୁଟାହି କ୍ୟାମ୍ପରେ ଜଣେ ଛତିଶଗଡ଼ ଆର୍ମଡ୍‌ ଫୋର୍ସ (ସିଏଏଫ୍‌) କନ୍‌ଷ୍ଟେବଲଙ୍କ ଗୁଳିରେ ବୁଧବାର ୨ ସାଥୀ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୂପେଶ ପଟେଲ ଓ ସନ୍ଦୀପ ପାଣ୍ଡେ। ଗୁଳି ଚଳାଇଥିବା କନ୍‌ଷ୍ଟେବଲ ଅଜୟ ସିଦ୍ଧରଙ୍କୁ ପୋଲିସ ଗିରଫ କରିଛି। ସଶସ୍ତ୍ର ବାହିନୀ ଯବାନ ଅଜୟ ଖାଉଥିବା ବେଳେ ଲଙ୍କା ମାଗିବାରୁ ତାହା ତାଙ୍କୁ ସାଥୀମାନେ ନ ଦେବାରୁ ସେ ଉତ୍‌କ୍ଷିପ୍ତ ହୋଇ ୪ ଜଣଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ମେଡିକାଲ ନେବା ବାଟରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି, ସମସ୍ତଙ୍କୁ ଡାକ୍ତରଖାନା ନିଆଯାଇଛି। ଘଟଣା ପରେ କ୍ୟାମ୍ପରେ ଉତ୍ତେଜନା ଦେଖାଦେଇଛି। ସୂଚନା ପାଇ ଏସ୍‌ପି ରାଜେଶ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

# ସରକାରୀ କ୍ୱାର୍ଟର୍ସରୁ ମିଳିଲା ଫରେଷ୍ଟରଙ୍କ ମୃତଦେହ

- ବନଖଣ୍ଡ ଅଧିକାରୀଙ୍କ ନାମରେ ମାନସିକ ନିର୍ଯାତନା ଅଭିଯୋଗ
- ଥାନାରେ ଏତଲା ଦେଲେ ମୃତକଙ୍କ ଭାଇ


ଫରେଷ୍ଟର ସଞ୍ଜୟ ନାୟକ

ଭବାନୀପାଟଣା,୧୮।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ବୁଧବାର ସକାଳେ ଜଣେ ଫରେଷ୍ଟରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ରାୟଗଡ଼ା ଜିଲା ସଦର ମହକୁମା ଶୁଣ୍ଡିସାହିର ସଞ୍ଜୟ ନାୟକ (୩୩)। ଖବର ପାଇ ଭବାନୀପାଟଣା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି।

ଫରେଷ୍ଟର ନାୟକ ଜୁନାଗଡ଼ ବ୍ଲକ ଜାରିଙ୍ଗସ୍ଥିତ ହାଇଟେକ୍‌ ସିଲଭିକଲଚର ନର୍ସରିରେ କାର୍ଯ୍ୟରତ ଥିଲେ। ଏହାସହ ଭବାନୀପାଟଣା ସିଲଭିକଲଚର ଅଫିସରେ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। ତେବେ କିଛିଦିନ ତଳେ ତାଙ୍କର ବଲାଙ୍ଗୀର ଜିଲାକୁ ବଦଳି ହୋଇଥିଲା। ଏହି ଘଟଣାକୁ ନେଇ ମୃତକଙ୍କ ଭାଇ ରବିନାରାୟଣ ରାୟଗଡ଼ା ବନଖଣ୍ଡ ଅଧିକାରୀ (ରିସର୍ଚ୍ଚ ଉଇଙ୍ଗ) ଦେବେନ୍ଦ୍ର ବେହେରାଙ୍କ ନାମରେ ଟାଉନ ଥାନାରେ ଏତଲା ଦେଇଛନ୍ତି। ବନଖଣ୍ଡ ଅଧିକାରୀ ବେହେରା ସଞ୍ଜୟଙ୍କୁ ମାନସିକ ନିର୍ଯାତନା ଦେବା ସହ ସବୁବେଳେ ପିସି ମାଗୁଥିଲେ। ନଚେତ ନିଲମ୍ବିତ କିମ୍ବା ବହିଷ୍କାର କରିବାକୁ ଧମକ ଦେଉଥିଲେ। ସଞ୍ଜୟଙ୍କ ମୃତଦେହ ନିକଟରୁ ମିଳିଥିବା ସୁସାଇଡ୍‌ ନୋଟରେ ଏହା ଦର୍ଶାଯାଇଛି ବୋଲି ରବିନାରାୟଣ ଏତଲାରେ ଉଲ୍ଲେଖ କରିଛନ୍ତି। ତେଣୁ ସଞ୍ଜୟଙ୍କ ଆତ୍ମହତ୍ୟା ପାଇଁ ବନଖଣ୍ଡ ଅଧିକାରୀ ବେହେରା ଦାୟୀ ବୋଲି ସେ ଅଭିଯୋଗ ଆଣି ତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ପ୍ରଶାସନକୁ ନିବେଦନ କରିଛନ୍ତି। ତେବେ ଏହି ଘଟଣାରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଟାଉନ ଥାନା ଅଧିକାରୀଙ୍କୁ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିବା ଜଣାପଡିଛି। ଏ ନେଇ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ମୃତକଙ୍କ ଭାଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ବନଖଣ୍ଡ ଅଧିକାରୀ ତଦନ୍ତ ପରିସରଭୁକ୍ତ ହେବେ ବୋଲି କହିଛନ୍ତି।

# ଶାଶୁଙ୍କୁ ଆଜୀବନ ଜେଲ

## ବୋହୂଙ୍କ ହାତଗୋଡ଼ ବାନ୍ଧି ପୋଡ଼ି ହତ୍ୟା ଘଟଣା

କେନ୍ଦୁଝର,୧୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଦୌରାଜଜ୍‌ଙ୍କ କୋର୍ଟରେ ବଧୂହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍‌ ଅଶୋକ କୁମାର ପଣ୍ଡା ଶୁଣାଣିକରି ସଦର ଥାନା ଦେଉଳଡ଼ିହା ଗ୍ରାମର ଚାନ୍ଦିନୀ ମହାନ୍ତ(୫୨)ଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ଚାନ୍ଦିନୀ ଓ ଜଗବନ୍ଧୁ ମହାନ୍ତ(୫୮)ଙ୍କ ପୁଅ ସୁନୀଲ ୨୦୧୮ରେ ମାନସୀ ମହାନ୍ତ (୨୧)ଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଏକ ମାମଲାରେ ସୁନୀଲ ଜେଲ ଯାଇଥିଲେ। ପରେ ଶାଶୁ ଓ ଶ୍ୱଶୁର ମିଶି ମାନସୀଙ୍କୁ ନିର୍ଯାତନା ଦେଇ ଘରୁ କାଢ଼ି ଦେଇଥିଲେ। ମାନସୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ସୁରକ୍ଷାରେ ସେ ପୁଣି ଶ୍ୱଶୁର ଘରକୁ ଫେରିଥିଲେ। ୪ ଫେବୃୟାରୀ ୨୦୨୧ରେ ଶାଶୁ ଓ ଶ୍ୱଶୁର ମିଶି ବୋହୂଙ୍କ ହାତଗୋଡ଼ ବାନ୍ଧି ମୁଣ୍ଡକୁ ଇଟାରେ ଛେଚିବା ସହ କିରୋସିନ ଢାଳି ଜଳାଇଦେଇଥିଲେ। ଏହି ସମୟରେ ମାନସୀ ଶ୍ୱଶୁରଙ୍କ ଗୋଡ଼କୁ ଧରିଦେବାରୁ ସେ ମଧ୍ୟ ପୋଡ଼ିଯାଇଥିଲେ। ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ମାନସୀ ପୋଲିସ ଓ ଦମକଳ ବାହିନୀଙ୍କୁ ସମସ୍ତ ଘଟଣା ଜଣାଇଥିଲେ। କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୧୫ ଜଣ ସାକ୍ଷୀ, ମୃତ୍ୟୁକାଳୀନ ଜମାନବନ୍ଦୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ଉକ୍ତ ରାୟ ଶୁଣାଇଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ୍ତ ଦାସ କହିଛନ୍ତି। ଅଭିଯୁକ୍ତ ଶ୍ୱଶୁର ଜଗବନ୍ଧୁ ୨୦୨୧ ମେ ୨୪ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

# ଏବେବି ରହସ୍ୟରେ ଅଢ଼େଇ କେଜି ସୁନା, ୮୦ କେଜି ରୁପା

ଭୁବନେଶ୍ୱର,୧୮।୯(ସତ୍ୟଜିତ୍‌ ରାଉତ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରୁ ଗତ ଅଗଷ୍ଟ ୨୬ରେ ବିପୁଳ ପରିମାଣର ସୁନା ଓ ରୁପା ଜବତ ହୋଇଥିଲା। ଏହାକୁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର(ସିଟି ଆଣ୍ଡ ଜିଏସ୍‌ଟି) ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ୨୦ଜଣ ବ୍ୟବସାୟୀ ବୈଧ କାଗଜପତ୍ର ଦେଖାଇ ନିଜ ସୁନା ଏବଂ ରୁପା ନେଇଥିବାବେଳେ ବାକି ଅଢ଼େଇ କେଜି ସୁନା ଓ ୮୦ କେଜି ରୁପାର ଏପର୍ଯ୍ୟନ୍ତ କେହି ଦାବିଦାର ମିଳି ନାହାନ୍ତି। ଫଳରେ ଏହାକୁ ନେଇ ଏବେବି ରହସ୍ୟ ଲାଗିରହିଛି। ଏହି ସୁନା ଏବଂ ରୁପା କିଏ ଆଣୁଥିଲେ ଏବଂ କାହିଁକି ଏହାକୁ ଦାବି କରୁନାହାନ୍ତି ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଅପରପକ୍ଷରେ ଉକ୍ତ ଅଣଦାବିଦାର ସୁନା ଏବଂ ରୁପାକୁ ବିଭାଗୀୟ ଅଧିକାରୀ ଟ୍ରେଜେରି ଅଫିସରେ ରଖିଥିବା କହୁଛନ୍ତି।

## ଟିକସ ଫାଙ୍କିବାକୁ ଗଳାବାଟ

ଅନ୍ୟପକ୍ଷରେ ଯେଉଁ ନାମରେ ଅଢ଼େଇ କେଜି ସୁନା ଓ ୮୦ କେଜି ରୁପା ଓଡ଼ିଶା ଆସିଥିଲା, ସେଭଳି କୌଣସି ଗହଣା ଦୋକାନ କିମ୍ବା ମାଲିକ ନ ଥିବା ସିଟି ଜିଏସ୍‌ଟି ମଧ୍ୟ ଜାଣିବାକୁ ଅଧିକ ତଦନ୍ତ କରୁଛି। ରାଜ୍ୟ ବାହାରୁ ବେନାମି ନାଁରେ ଏଭଳି ସୁନା ଓ ରୁପା ଚାଲାଣ ହୋଇ ଆସୁଥିବାରୁ ଏହା ପଛରେ ବଡ଼ ସୁନା ଦୋକାନୀଙ୍କ ହାତ ଥିବାବେଳେ ଲଜିଷ୍ଟିକ୍‌ ସଂସ୍ଥା ମଧ୍ୟ ସହଯୋଗ କରୁଥିବା ଜଣାପଡ଼ିଛି। ଏନେଇ ସିଟି ଜିଏସ୍‌ଟି ଅତିରିକ୍ତ କମିଶନର ମାନସ ସ୍ୱାଇଁଙ୍କ କହିବା ହେଲା, ସୁନା ପଠାଇଥିବା ମୁମ୍ବାଇ ପ୍ରେରକଙ୍କୁ ଆମେ ତଦନ୍ତ ପରିସରକୁ ନେଇପାରିବୁ ନାହିଁ। ସୁନା ଓ ରୁପା ଆଣିଥିବା ଲଜିଷ୍ଟିକ୍‌ ସଂସ୍ଥାକୁ ତଦନ୍ତ ପରିସରକୁ ନିଆଯାଇ ବିଭାଗୀୟ ପ୍ରକ୍ରିୟା ଜାରି ରହିଛି। ଦୁଇଦିନ ମଧ୍ୟରେ ଉକ୍ତ ଲଜିଷ୍ଟିକ୍‌ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ମାସେ ମଧ୍ୟରେ ଏହାର ଠିକ୍‌ କାରଣ ନ ଦର୍ଶାଇପାରିଲେ ବଡ଼ ପରିମାଣର ଜରିମାନା ଲଗାଯିବ ବୋଲି ମାନସ କହିଛନ୍ତି।

ପ୍ରକାଶ ଯେ, ବିମାନବନ୍ଦର ନିକଟରୁ ଜବତ ବେଳେ ଦୁଇଟି ଲଜିଷ୍ଟିକ୍‌ ଭ୍ୟାନ୍‌ରୁ ପ୍ରଥମେ ୫୦ କେଜି ସୁନା ଓ ୨୦୦ କେଜି ରୁପା ମିଳିଥିବା କୁହାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଭିନ୍ନ ହିସାବ ଦେଖିବାକୁ ମିଳିଛି। ଇ-ୱେ ବିଲ୍‌ରେ ୮୭ କେଜି ସୁନା ଥିବା ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିଲା ପରେ ସେଥିରୁ ୩୦ କେଜି ସୁନା ବାହାରିଥିବା କୁହାଯାଇଥିଲା। ସେହିପରି ରୁପାର ଇ-ୱେ ବିଲ୍‌ରେ ୨କୁଇଣ୍ଟାଲ ଉଲ୍ଲେଖ ଥିବାବେଳେ ବାକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ମିଳିଥିଲା। ତେବେ ଇ-ୱେ ବିଲ୍‌ ଏବଂ ଓଜନର ପାର୍ଥକ୍ୟକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ସୁନା ଓ ରୁପା ଉପରେ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଏହା ଚୋରା ଚାଲାଣ ହେଉଥିବା ସନ୍ଦେହ କରାଯାଉଛି।

# ୨ ବର୍ଷର ପୁଅକୁ ଧରି ନଦୀକୁ ଡେଇଁଲେ ମା'

ପିପିଲି/ବଳଙ୍ଗା,୧୮।୯ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର/କେଦାରେଶ୍ୱର ନନ୍ଦ)

ପିପିଲି ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ ବର୍ଷର ପୁଅକୁ ଧରି ମା' ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ପିପିଲି-ନିମାପଡ଼ା ଛକରେ ରହୁଥିବା ମହେଶ୍ୱର ବେହେରାଙ୍କ ଝିଅ ଈପ୍‌ସିତା ବେହେରା ତାଙ୍କ ଭିଣୋଇ ନିମାପଡ଼ା ଥାନା ଅନ୍ତର୍ଗତ ପୋରକଣା ଗ୍ରାମର ରଶ୍ମିରଞ୍ଜନ ବେହେରାଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ବୁଧବାର କୌଣସି କାରଣକୁ ନେଇ ଈପ୍‌ସିତା ବେହେରା ଛୁଆକୁ ଧରି ପିପିଲି-ନିମାପଡ଼ା ମୁଖ୍ୟରାସ୍ତା ପୋଲରୁ ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେହି ସମୟରେ ବ୍ରିଜ୍‌ ଉପରେ ଥିବା ଲୋକମାନେ ପାଟିତୁଣ୍ଡ କରିଥିଲେ ମଧ୍ୟ ସେ କାହା କଥା ନ ଶୁଣି ନଦୀକୁ ଡେଇଁ ପଡ଼ିଥିଲେ। ଖବରପାଇ ପିପିଲି ପୋଲିସ ଓ ଓଡ୍ରାଫ୍‌ ଟିମ୍‌ ପହଞ୍ଚି ତଦନ୍ତ କରି ସୁନାପଦାଠାରୁ ଶବକୁ ଜବତ କରିଥିଲା। ପିପିଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଷ୍ଟମର୍ଟମ ପାଇଁ ପୁରୀ ମେଡିକାଲକୁ ପଠାଇଛି। ପାରିବାରିକ କଳହରୁ ଈପ୍‌ସିତା ପୁଅକୁ ଧରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏନେଇ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ପୂର୍ବତନ ପୋଷ୍ଟ ମାଷ୍ଟରଙ୍କୁ ୪ବର୍ଷ ଜେଲ, ୫୫ ହଜାର ଜରିମାନା

କୁଜଙ୍ଗ,୧୮।୯(ମନୋଜ ପ୍ରଧାନ)

## ସରକାରୀ ଅର୍ଥ ହଡ଼ପ ଅଭିଯୋଗ

ସରକାରୀ ଅର୍ଥ ଆତ୍ମସାତ୍‌ ଅଭିଯୋଗରେ ସିବିଆଇର ଭୁବନେଶ୍ୱରସ୍ଥିତ ୧ ନମ୍ବର କୋର୍ଟର ସ୍ୱତନ୍ତ୍ର ବିଚାରପତି ବୁଧବାର କୁଜଙ୍ଗ ଉପଡାକଘରର ତତ୍କାଳୀନ ପୋଷ୍ଟ ମାଷ୍ଟର (ଗ୍ରେଡ-୧) ସଂଗ୍ରାମ କେଶରୀ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୪ବର୍ଷ ଜେଲ ଦଣ୍ଡାଦେଶ ସହ ୫୫ହଜାର ଜରିମାନା ଆଦେଶ ଦେଇଛନ୍ତି। ସଂଗ୍ରାମ ୨୦୧୧ ସେପ୍ଟେମ୍ବର ୧୨ରୁ ୨୦୧୩ ଅଗଷ୍ଟ ୨୮ ମଧ୍ୟରେ ୪ ଜଣ ବରିଷ୍ଠ ନାଗରିକଙ୍କ ସଞ୍ଚୟ ଯୋଜନା ଖାତାରୁ ସେମାନଙ୍କ ଅଜ୍ଞାତରେ ଦସ୍ତଖତ ନେଇ ପର୍ଯ୍ୟାୟକ୍ରମେ ୧୯ ଲକ୍ଷ ୮୧ ହଜାର ୩୩୪ ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଟଙ୍କା ଉଠାଇ ନେଇ ସଞ୍ଚୟ ଖାତାକୁ ବନ୍ଦ କରିଦେଇଥିଲେ। ଏଭଳି ଜାଲିଆତି ଜଣାପଡ଼ିବା ପରେ ସିବିଆଇ ୨୦୧୩ ସେପ୍ଟେମ୍ବର ୧୭ରେ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ମାଓବାଦୀ ନେତା ଆଜାଦ ବାଲିଗୁଡ଼ା ଏଡିଜେ କୋର୍ଟରେ ହାଜର ହେଲେ

ବାଲିଗୁଡା,୧୮।୯
(ସଞ୍ଜୟ କୁମାର ପାଣିଗ୍ରାହୀ)

ଟପ୍‌ କ୍ୟାଡର ମାଓବାଦୀ ନେତା ଆଜାଦ କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍‌ କୋର୍ଟରେ ହାଜର ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲରୁ ବାଲିଗୁଡାକୁ କଡା ସୁରକ୍ଷାରେ ଅଣାଯାଇଥିଲା। ଅତିରିକ୍ତ ଜିଲା ଜଜ୍‌ ଶୁଭଦର୍ଶୀ ତ୍ରିପାଠୀଙ୍କ କୋର୍ଟରେ ୩ଟି କେସ୍‌ ଚାର୍ଜ ହୋଇଥିଲା। ଆଜାଦଙ୍କ ନାମରେ ଏହି ୩ଟି କେସ୍‌ ରହିଛି। କେସ୍‌ଗୁଡିକ ହେଲା ୨୦୦୮ରେ ସାରଙ୍ଗଡ ଥାନା କେସ୍‌ ନ. ୨୦/ ୨୦୦୮ରେ ସାରଙ୍ଗଡ଼ରେ ବୋମା ଫୁଟାଇବା ନିମନ୍ତେ ରାସ୍ତାରେ ବୋମା ଖଞ୍ଜି ରଖିବା (ଲ୍ୟାଣ୍ଡମାଇନ୍‌), ବ୍ରାହ୍ମଣିଗାଁ ଥାନାରେ ଦୁଇଟି ମାମଲା କେସ୍‌ ନ. ୧୪/୨୦୦୮ ଓ ୧୫/୨୦୦୮ରୁ ଗୋଟିଏ ମର୍ଡର କେସ୍‌ ଓ ଅନ୍ୟଟି ବ୍ରାହ୍ମଣିଗାଁ -ଦାରିଙ୍ଗବାଡି ରାସ୍ତାରେ ଲ୍ୟାଣ୍ଡ୍‌ ମାଇନ ଖଞ୍ଜିବା ଭଳି ଅଭିଯୋଗ ରହିଛି। ବିଚାରପତିଙ୍କ ନିକଟରେ ତାଙ୍କୁ ରେ ବୁଧବାର ହାଜର କରାଯାଇଥିଲା। ପରେ ତାଙ୍କୁ ବାଲିଗୁଡା ଉପକାରାଗାରକୁ ପଠାଯାଇ ସେଠାରୁ ଆଜାଦଙ୍କୁ ପୁଣି ଝାଡପଡ଼ା ଜେଲକୁ ପଠାଯାଇଥିବା ଆଇନଜୀବୀ ସୁରେନ୍ଦ୍ର ପାତ୍ର କହିଛନ୍ତି।

# କୋଚିଂ ସେଣ୍ଟର ପରିଚାଳକ ଗିରଫ

ବାରିପଦା,୧୮।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟଣା

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠରେ ଲଗାତର ଛାତ୍ର ମୃତ୍ୟୁ ଘଟଣାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା କାରଣରୁ ୟୁରୋ-ଡଭ୍‌ କୋଚିଂ ସେଣ୍ଟର ପରିଚାଳକଙ୍କୁ ବାରିପଦା ସଦର ଥାନା ପୋଲିସ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ପରିଚାଳକ ହେଲେ ବାରିପଦା ଟାଉନ ଥାନା ଦେବେନ୍ଦ୍ରପୁର ଅଞ୍ଚଳର ଜଗନ୍ନାଥ ଦତ୍ତ। ପୋଲିସ ଏକ ମାମଲା (ନଂ.୧୬୭/୨୪) ରୁଜୁକରି ତଦନ୍ତ ଜାରିରଖିଛି। ତେବେ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍‌ କରାଯାଇ ନ ଥିବାରୁ ଏହା ପୁନଃ ପରିଚାଳିତ ହେବା ନେଇ ଆଶଙ୍କା ଉପୁଜିଛି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଗଣେଶ ମୂର୍ତ୍ତି ଭସାଇବାକୁ ଯାଇ ଲକ୍ଷ୍ମୀପୋଷିସ୍ଥିତ ସୁବର୍ଣ୍ଣରେଖା କେନାଲରେ ଉକ୍ତ କୋଚିଂ ସେଣ୍ଟରର ୨ ଛାତ୍ରଙ୍କ ସମେତ ୨ ଶିକ୍ଷକ ପାଣି ସୁଅରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ତଥା ଅଗ୍ନିଶମ ବାହିନୀ ଶିକ୍ଷକ ଦ୍ୱୟଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ତେବେ ଘଟଣାର ୫ଦିନ ପରେ ସଦର ଥାନା ପୋଲିସ ତଦନ୍ତ ପୂର୍ବକ କୋଚିଂ ସେଣ୍ଟର ପରିଚାଳକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ପରିଚାଳକ ଦତ୍ତ ଲକ୍ଷ୍ମୀପୋଷି ଅଞ୍ଚଳରେ ୩ଟି କୋଚିଂ ସେଣ୍ଟର ଖୋଲିଥିଲେ। ୨ଟି ହଷ୍ଟେଲରେ ଛାତ୍ରୀ ଓ ଗୋଟିଏରେ ଛାତ୍ରମାନଙ୍କୁ ନେଇ କୋଚିଂ ଦେଉଥିଲେ। ତେବେ ଛାତ୍ରୀ ବା ଛାତ୍ରାବାସ ଖୋଲିବା ନେଇ ସେ କୌଣସି ସରକାରୀ ଅନୁମତି ନେଇ ନ ଥିବା, ଭଡ଼ା ସୂତ୍ରରେ ଛାତ୍ରୀଛାତ୍ରଙ୍କୁ ରଖି ଶିକ୍ଷାଦାନ ଦେଉଥିବା ଏବଂ ସରକାରୀ ନିୟମକୁ ଉଲ୍ଲଂଘନକରି ହଷ୍ଟେଲ ପରିଚାଳନା କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ମଧୁସ୍ମିତା ମହାନ୍ତି କହିଛନ୍ତି। ଏପରିକି ଛାତ୍ରୀ ନିବାସରେ କୌଣସି ୱାର୍ଡେନ କିମ୍ବା ମହିଳା କର୍ମଚାରୀ ନିୟୋଜିତ ନ ଥିବା ବେଳେ ଛାତ୍ରାବାସରେ ମଧ୍ୟ କୌଣସି କର୍ମଚାରୀ ଦାୟିତ୍ୱରେ ନ ଥିବା ଜଣାପଡ଼ିଛି। ତେବେ ହଷ୍ଟେଲ ଓ କୋଚିଂ ସେଣ୍ଟର ଚଳାଇବାକୁ ଭଡ଼ାସୂତ୍ରରେ ଦେଉଥିବା ଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ମହିଳାଙ୍କଠାରୁ ସୁଭଦ୍ରା ଟଙ୍କା ଲୁଟ

ଭଣ୍ଡାରିପୋଖରୀ,୧୮।୯
(ରାଜେନ୍ଦ୍ର ଶତପଥୀ)


ଲୁଟ୍‌ର ଶିକାର କମଳିନୀ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଉତ୍ତରବାଡ଼ ଗ୍ରାମର ଜଣେ ମହିଳାଙ୍କଠାରୁ ଅଭିନବ ଉପାୟରେ ବୁଧବାର ସୁଭଦ୍ରା ଟଙ୍କା ଲୁଟ୍‌ ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କମଳିନୀ ଜେନା ଭଣ୍ଡାରିପୋଖରୀ ବଜାରରେ ଥିବା ମୋ ସେବା କେନ୍ଦ୍ରରୁ ସୁଭଦ୍ରା ଯୋଜନା ବାବଦରେ ମିଳିଥିବା ଅର୍ଥରୁ ୪,୫୦୦ ଟଙ୍କା ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଉଠାଇ ଅଣ୍ଡରପାସ ରୋଡ୍‌ରେ ଚାଲି ଚାଲି ଘରକୁ ଫେରୁଥିଲେ। ଟଙ୍କା, ପାସ୍‌ବୁକ୍‌, ମୋବାଇଲ ଗୋଟିଏ ଜରିଖୋଳରେ ଧରି ଯାଉଥିଲେ। ଟଙ୍କା ଉଠାଣ ସମୟରୁ ତାଙ୍କୁ ପିଛା କରୁଥିବା ୨ ଯୁବକ ବାଇକ୍‌ରେ ଆସି ପୂର୍ବରୁ ପାଲଦାବାଙ୍କ ପୋଲ ତଳେ ଅପେକ୍ଷା କରିଥିଲେ। କମଳିନୀ ସେଠାରେ ପହଞ୍ଚିବା ପରେ ଜଣେ ଯୁବକ ତାଙ୍କୁ ଡାକି ସୁଭଦ୍ରା ଯୋଜନା ଅର୍ଥ ଉଠାଇବା ପରେ ସଙ୍ଗେ ସଙ୍ଗେ ପୁଣି ଥରେ ଦରଖାସ୍ତ କରିବାକୁ ପଡ଼ିବ ତାହା ତମେ କରିଛ କି ନାହିଁ ବୋଲି ପଚାରିଥିଲେ। ଏହା ଜାଣି ନ ଥିବା କମଳିନୀ କହିବାରୁ ସେମାନେ ବାଇକ୍‌ରେ ବସିବାକୁ କମଳିନୀଙ୍କୁ କହିଥିଲେ। ୩ ଜଣ ବାଇକ୍‌ରେ ବସିବା ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କଠାରୁ ଜରିଖୋଳ ବାଇକ୍‌ ଚାଳକ ମାଗି ନେଇଥିଲେ। ସରଳ ମହିଳା ଜଣକ ଜରିଖୋଳକୁ ଲୁଟେରାଙ୍କ ହାତକୁ ବଢ଼ାଇ ଦେଇଥିଲେ। ମାତ୍ର ଅଳ୍ପ କିଛି ବାଟ ଯିବା ପରେ ୩ ଜଣ ବାଇକ୍‌ରେ ଯିବାରେ ଅସୁବିଧା ହେଉଥିବା ଦର୍ଶାଇ କମଳିନୀଙ୍କୁ ଓହ୍ଲାଇ ଦେଇ ଚମ୍ପଟ ମାରିଥିଲେ। କମଳିନୀ ନିରୁପାୟ ହୋଇ କାନ୍ଦି କାନ୍ଦି ଘରକୁ ଫେରୁଥିବା ବେଳେ ସମ୍ପର୍କୀୟଙ୍କ ସହାୟତାରେ ଯାଇ ଥାନାରେ ଅଭିଯୋଗ କରିଛନ୍ତି।

# ଧାମନଗର ପୋଲିସ କର୍ମଚାରୀଙ୍କୁ ଆକ୍ରମଣ

ଧାମନଗର,୧୮।୯(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆଡ଼ିଆ)

## ଅଭିଯୁକ୍ତ ଭାବି ଅନ୍ୟ ଜଣଙ୍କୁ ଗାଡ଼ିରେ ନେଉଥିଲେ


ଘଟଣାସ୍ଥଳରେ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ତଦନ୍ତ କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ଥାନା ପୋଲିସ କର୍ମଚାରୀ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯିବା ସହ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ମହମ୍ମଦଙ୍କ ଜନ୍ମ ଉତ୍ସବ ପାଳନର ପୂର୍ବଦିନ ଚୁଡ଼ାକୁଟି ବଜାରରେ ମୁସଲିମ ସମ୍ପ୍ରଦାୟର ଜଣେ ଯୁବକ ପତାକା ବାନ୍ଧି ବୁଲୁଥିଲେ, ଯାହାକୁ ହିନ୍ଦୁ ସମ୍ପ୍ରଦାୟର କେତେଜଣ ଯୁବକ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଘଟଣାକୁ ନେଇ ଧାମନଗର ଥାନାରେ ମୁସଲିମ୍‌ ଯୁବକ ଜଣକ ଅଭିଯୋଗ କରିଥିଲେ। ବୁଧବାର ଧାମନଗର ଥାନା ଏଏସ୍‌ଆଇ ଲରେନ୍ସ କୁଜୁରୁ ଓ ଜଣେ କନଷ୍ଟେବଲ ସାଦା ପୋଷାକରେ ଚୁଡ଼ାକୁଟି ବଜାରରେ ପହଞ୍ଚି ଉକ୍ତ ଘଟଣାରେ ସମ୍ପୃକ୍ତ ନ ଥିବା ବିଜୟ ଗାହାଣ ନାମକ ଜଣେ ଯୁବକଙ୍କୁ ଘୋଷାରି ଘୋଷାରି ଗାଡ଼ି ଭିତରକୁ ନେଇ ଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସହ ଲୋକେ ଯୁକ୍ତିତର୍କ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ। ପୋଲିସ ସାଦା ପୋଷାକରେ ଥିବାରୁ ସ୍ଥାନୀୟ ଲୋକେ ଚିହ୍ନି ନ ପାରି ମାଡ଼ ମାରି ଅଟକ ରଖିଥିଲେ। ଖବର ପାଇ ଥାନା ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ଓ ଏସ୍‌ଡିପିଓ ସେଠୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଧାମନଗର ମେଡିକାଲକୁ ପଠାଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୪୦୧/୨୪) ରୁଜୁ ହୋଇଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା



ପାଣିକୋଇଲି,୧୮।୯ (ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି (ପରିଡ଼ା ସାହି)ର ସୁବାସ ବେହେରାଙ୍କ ବଡ଼ପୁଅ ଦୀପ୍ତିରଞ୍ଜନ ବୁଧବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୀପ୍ତିରଞ୍ଜନ ସ୍ଥାନୀୟ ଅଞ୍ଚଳରେ ଜଣେ ପରୋପକାରୀ ଯୁବକ ଭାବେ ପରିଚିତ ଥିଲେ। କିଛି ମାସ ପୂର୍ବେ ସେ ମର୍ଚ୍ଚାଣ୍ଟ ନାଭିରୁ ଚାକିରି ଛାଡ଼ି ଆସିଥିଲେ। ପାଣିକୋଇଲିର ଆମେ ବିପଦରେ ସାଥୀ, ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ଓ ଶେଷ ପରିଚୟ ଭଳି ସାମାଜିକ ସଙ୍ଗଠନ ସହିତ ଜଡ଼ିତ ଥିଲେ। ତାଙ୍କର ଆକସ୍ମିକ ମୃତ୍ୟୁ ଖବର ପାଇ ଗ୍ରୁପର ଉପେଦଷ୍ଟା ସୁବାସ ଧଳ, ଅଶୋକ ବଳ, ଅଶୋକ ଦାସ, ସୁଧା ଶଙ୍କର ବିଶ୍ୱାଳ, ରାକେଶ ରଞ୍ଜନ ପଣ୍ଡା, ଗୋଲକ ବିହାରୀ ପରିଡ଼ା, ମନମୋହନ ବାରିକ, ଅଶୋକ କୁମାର ବେହେରା, ଶୁଭ୍ରାଂଶୁ ନାୟକ, ସତ୍ୟବ୍ରତ ପଣ୍ଡା ଓ ତପନ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବୁଣାକାରଙ୍କ ଦକ୍ଷତା ବୃଦ୍ଧି ତାଲିମ ଆରମ୍ଭ

## ୫୦ ବୁଣାକାର ନୂତନ ଡିଜାଇନ ଉପରେ ପ୍ରଶିକ୍ଷଣ ନେବେ

ରସୁଲପୁର,୧୮।୯(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଗୋପାଳପୁର ଗାଁରେ ବୁଣାକାରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜାକଡ ତାଲିମ ଶିବିର ଆରମ୍ଭ ହୋଇଛି। ବୁଧବାର ଗୋପାଳପୁରର ମା' ତାରିଣୀ, ଶ୍ରୀବିଷ୍ଣୁ ବୁଣାକାର ତନ୍ତୁବାୟ ସମିତି ସମେତ ୫ ସ୍ଥାନରେ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ପ୍ରତ୍ୟେକ ଶିବିରରେ ୧୦ ବୁଣାକାରଙ୍କ ସମେତ ମୋଟ୍ ୫୦ଜଣ ବୁଣାକାରଙ୍କୁ ଅଙ୍ଗବସ୍ତ୍ର, ଶାଢ଼ି ଆଦି ବୁଣାବୁଣିର ନୂତନ ଡିଜାଇନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶିବିରାର୍ଥୀ ୪ମାସ ଧରି ତାଲିମ ଗ୍ରହଣ କରିବେ। ବୁଣାକାର ସଫଳତାର ସହ ତାଲିମ ଶେଷ କରିବା ପରେ ଦକ୍ଷ କାରିଗରଙ୍କୁ ୨୫ହଜାର ଟଙ୍କା ମୂଲ୍ୟର ତନ୍ତ ସାମଗ୍ରୀ ପ୍ରଦାନ କରାଯିବ। ଏହି ପ୍ରକ୍ରିୟାରେ ବୁଣାକାର ଆର୍ଥିକ ସ୍ୱଚ୍ଛଳ ହେବା ସହ ସ୍ୱାବଲମ୍ବୀ ହୋଇପାରିବାକୁ ଲକ୍ଷ୍ୟ ରଖାଯାଇଛି। ଦୈନିକ ଶିବିରାର୍ଥୀଙ୍କୁ ୨୦୦ଟଙ୍କା ପାଉଣା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ନୂତନ ଡିଜାଇନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ଜାକଡ ମାଧ୍ୟମରେ କମ୍ ଖର୍ଚ୍ଚ, ସ୍ୱଳ୍ପ ସମୟରେ କେମିତି ଅଧିକ ଓ ସୁନ୍ଦର ବସ୍ତ୍ର ଉତ୍ପାଦନ ହୋଇପାରିବ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଶିବିରରେ ଯୋଗଦେଇ ଥିବା ସମ୍ବଳ ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି।



ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ଶ୍ରୀବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରଗୁଡ଼ିକୁ ଉଦ୍‌ଘାଟନ କରିବା ସହ ବୁଣାକାରମାନେ ଏହି ଶିବିରରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ତଥା ସମ୍ବଳ ଅଧିକାରୀ ଭାବେ ବୟନ ସୁପରଭାଇଜର ସୁନିଲଲାଲ ମଣ୍ଡଳ, ବୟନ ନିରୀକ୍ଷକ ତାରିଣୀ ପ୍ରସାଦ ଛାଟୋଇ, ଦୁଷ୍ମନ୍ତ ପାତ୍ର, ସତ୍ୟଜିତ୍ ନାୟକ, ବୟନ ସହାୟକ ଶ୍ରୀକାନ୍ତ ମିଶ୍ର, ଶ୍ରୀନିବାସ ସୁର, ପ୍ରଦୀପ କୁମାର ସେଠୀ, ଦିଲେଶ୍ୱର ମେହେର, ମନୋରମା ମଲିକ, ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ତାଲିମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଶୋକ କୁମାର ଗୁଇଁ ଧନ୍ୟବାଦ ଦେଇଥିଲେ।

ପ୍ରକାଶଯୋଗ୍ୟ, ତାଲିମ ନେବା ପାଇଁ ବୁଣାକାରମାନେ ଅନଲାଇନରେ ଆବେଦନ କରିଥିଲେ। ଇଚ୍ଛୁକ ବୁଣାକାରଙ୍କ ସଂଖ୍ୟାକୁ ଦେଖି ଗୋପାଳପୁର ଗାଁରେ ୯ ତାଲିମ ଶିବିର ଆୟୋଜନ ହେବାକୁ ମଞ୍ଜୁରୀ ମିଳିଛି। ପ୍ରଥମ ଦଫାରେ ୫ ଶିବିରକୁ ଉଦ୍‌ଘାଟନ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ଶିବିର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଦକ୍ଷ କାରିଗରଙ୍କୁ କର୍ମଶାଳା ଗୃହ ଓ ଫେବୃଆରୀ ମାସରୁ ବନ୍ଦ ରହିଥିବା ବୁଣାକାର ଭତ୍ତା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।

# ଟ୍ରକ୍ ଧକ୍କାରେ ଯୁବକ ମୃତ, ୨ ଗୁରୁତର

ଧର୍ମଶାଳା/ଜେନାପୁର,୧୮।୯ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):

ଜେନାପୁର ଥାନା ଅନ୍ତର୍ଗତ କନ୍ତପଡ଼ା ଛକ ନିକଟରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ କୁସନପୁର ଗ୍ରାମର ବୁଲୁ ସାମଲ(୨୪)। ବୁଲୁ ଓଡି-୦୪-ଜି-୪୮୧୦ ବାଇକ୍‌ରେ ୨ ସାଙ୍ଗଙ୍କ ସହିତ କନ୍ତପଡ଼ା ଛକକୁ ଯାଇଥିଲେ। ସେଠାରେ କାମସାରି ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବୁଲୁଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। ଏଥିସହିତ ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି। ଏନେଇ ଥାନାରେ ନଂ.୩୧୧/୨୪ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମୃତ ଯୁବକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ଆରଆଇ ଚନ୍ଦନ ସାହୁ ଓ ସୁଶାନ୍ତ ସ୍ୱାଇଁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଉତ୍ତର ଶାସନ ଗ୍ରାମର ମଠ ପ୍ରତିଷ୍ଠା



ମଠ ପ୍ରତିଷ୍ଠା ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ(ଖ) ଗ୍ରାମରେ ନବନିର୍ମିତ ମଠର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଠ ପରିସରରେ ପୂଜାର୍ଚ୍ଚନା ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସଂଗଠକ ଅମର କୁମାର ମହାନ୍ତିଙ୍କ ଉଦ୍ୟମ ଓ ଜାରକା ସରପଞ୍ଚ ସୁଦାମ ଚରଣ ବେହେରାଙ୍କ ସହଯୋଗରେ ସ୍ୱାଧୀନତାର ୭୭ବର୍ଷ ପରେ ଏହି ଗ୍ରାମର ନିଜସ୍ୱ ରାସ୍ତା ନିର୍ମାଣ ହୋଇଥିବାରୁ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ବରିଷ୍ଠ ନାଗରିକ ରାଇଧର ମହାରଣା, ଜାନକୀ ବଲ୍ଲଭ ବେହେରା, ଅଭିରାମ ମହାନ୍ତି, ଗଜେନ୍ଦ୍ର ବେହେରା, ଚନ୍ଦ୍ରମଣି ଭୂୟାଁ, ପୁରୁଷୋତ୍ତମ ମହାରଣା, ସନ୍ତୋଷ ରାଉତ, ଅଜୟ ବାରିକ, ଭାଗବତ ଖଟୁଆ, ସୁଦାମ ବେହେରା, ନାରାୟଣ ବାରିକ, ୱାର୍ଡସଭ୍ୟ ସୁକାନ୍ତ ବେହେରା, କିଶୋର ସାମଲ, ବିଚିତ୍ର କୁମାର ସାମଲ, କୃଷ୍ଣଚନ୍ଦ୍ର ପରିଡ଼ା, ଶ୍ରୀଧର ମହାନ୍ତି, ହରିହର ବେହେରା, ଅନାଦି ଚରଣ ପଲେଇ, ବ୍ରଜମୋହନ ପ୍ରଧାନ, ଭୀମସେନ ସାହୁ, ରାଜେଶ ମହାନ୍ତି ଓ ଆଇନଜୀବୀ ଧ୍ରୁବଚରଣ ବେହେରା ଯୋଗ ଦେଇଥିଲେ। ଯୁବ ସଂଗଠକ ସତ୍ୟଜିତ୍ ସାମଲ, ଦୀପକ ଖଟୁଆ, ଅଭିଜିତ୍ ବେହେରା, ସୁଶାନ୍ତ ମହାରଣା, ଅର୍ଜୁନ ବେହେରା, ଜିତେନ୍ଦ୍ର ମହାରଣା, ନିର୍ମଳ ବାରିକ, ପୀତବାସ ଖଟୁଆ, ନିତ୍ୟାନନ୍ଦ ବେହେରା, ଭାବନା ବେହେରା, ଗଣେଶ୍ୱର ସାହୁ, ରତ୍ନାକର ବେହେରା, କାଳନ୍ଦୀ ବେହେରା ଓ ପ୍ରଫୁଲ୍ଲ ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟାସ ସରୋବର ମହିମା ଆଶ୍ରମରେ ନୂଆଖାଇ ମହୋତ୍ସବ



ମହୋତ୍ସବରେ ଯୋଗଦେଇଥିବା ସାଧୁସନ୍ଥ ଓ ଅନ୍ୟମାନେ।

ଯାଜପୁର,୧୮।୯(ହର୍ଷବର୍ଦ୍ଧନ ବେହେରା):

ଋଷି ପଞ୍ଚମୀଠାରୁ ଯୋରନ୍ଦା ଗାଦିରେ ପାଳିତ ହୋଇ ଆସୁଥିବା ନୂଆଖାଇ ମହୋତ୍ସବ ବୁଧବାର ଯାଜପୁର ରୋଡସ୍ଥିତ ବ୍ୟାସ ସରୋବର ମହିମା ଆଶ୍ରମରେ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତେ ନୂଆ ଚୁଡ଼ା ପ୍ରସାଦ ସେବନ କରିଥିଲେ। ଯୋରନ୍ଦା ଗାଦିରୁ ବ୍ରହ୍ମ ଅବଧୁତ ମୋହନ ଚରଣ ବାବା, ପ୍ରଶାନ୍ତ ବୈରାଗୀ, ରାଜେନ୍ଦ୍ର ବୈରାଗୀ ସାମିଲ ହୋଇଥିଲେ। ଏହାସହ ଏହି ମଠର ସାଧୁ ଅଜୟ ଦାସ, ଭକ୍ତ ଶରତ ଜେନା, ଲକ୍ଷ୍ମଣ ଜେନା, ପ୍ରଦୀପ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ କେତେଜଣ ସମ୍ପର୍କୀୟ ମଧ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ପ୍ରଭାତ କୁମାର ବଳ, ନିତ୍ୟାନନ୍ଦ ମହାଲିକ, ବିନୋଦ ବିହାରୀ ସାମଲ, ପ୍ରକାଶ ପରିଡ଼ା, ମୋହନ ସାମଲ, ଗୋବିନ୍ଦ ରାଉତ, ନିରଞ୍ଜନ ରାଉତ, ଚକ୍ରଧର ନାଗ, ରମାକାନ୍ତ ବେହେରା, ଦୀପକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଶ୍ରମର ପ୍ରତିଷ୍ଠାତା ଆଦିକନ୍ଦ ଦାସ ସ୍ୱାଧୀନ ବାବାଙ୍କ ଆବାହକତ୍ୱରେ ପାଳିତ ହୋଇଥିବା ଏହି ନୂଆଖାଇ ମହୋତ୍ସବରେ ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ବିଞ୍ଝାରପୁର, ବଡ଼ଚଣା, କେନ୍ଦୁଝର, ସମ୍ବଲପୁର, କୋଲକୋତା, ଛତିଶଗଡ଼ ଅଞ୍ଚଳରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଚୂଡ଼ାମଣି ଟୁଡୁ, ଗୁରୁବାର ଟୁଡୁ, ଭଗବତୀ ଟୁଡୁ, ସାକର ମାଝୀ, ହିରା ମୁର୍ମୁ, ବାସନ୍ତୀ, ସଂଗ୍ରାମ କେଶରୀ, ଭକ୍ତ ଲକ୍ଷ୍ମଣ, ବୁଲୁ କେଳାପଦା, ପବନ ଦାସ,ନଗେନ୍ଦ୍ର ବେହେରା, ପୂର୍ଣ୍ଣିମା ବେହେରା, ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ରଥିଆ ଛକ ନିକଟ ୧୬ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଲୁଟ୍ ହୋଇଛି। ଏକ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ରଥିଆ ଛକ ନିକଟରେ ଥିବା ଏକ ଟ୍ରାକ୍ଟର ଶୋରୁମ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ହେଲେ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇପାରିନାହିଁ। ସୂଚନା ମୁତାବକ, ବଡ଼ଚଣା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବାଇକ୍‌ରେ ବସାଇ ଆନନ୍ଦପୁରରୁ ଘରକୁ ଫେରୁଥିଲେ। ସେମାନଙ୍କୁ ଏକ ବାଇକ୍‌ରେ ୨ ଯୁବକ ପିଛା କରିଥିଲେ। ରଥିଆ ଛକ ନିକଟ ଟ୍ରାକ୍ଟର ଶୋରୁମ୍ ସମ୍ମୁଖରେ ହଠାତ୍ ସେମାନେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ନେଉଳପୁର ଆଡ଼େ ଚମ୍ପଟ ମାରିଥିଲେ। ଏହି ସମୟରେ ମହିଳା ଜଣକ ବାଇକ୍‌ରୁ ଖସି ଆହତ ହୋଇଥିଲେ। ତାଙ୍କୁ ବଡ଼ଚଣା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏନେଇ ଥାନାରେ ନଂ.୬୯୨/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଜାରକା ବିଟ୍ ହାଉସରେ ନୂତନ ଅଧିକାରୀଙ୍କ ଯୋଗଦାନ

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅଧୀନ ଜାରକା ବିଟ ହାଉସରେ ଏଏସ୍‌ଆଇ ବିଜୟ କୁମାର ବେହେରା ନୂତନ ଅଧିକାରୀ ଭାବେ ଯୋଗଦେଇଛନ୍ତି। ଏଏସ୍‌ଆଇ ବେହେରା ୨ ବର୍ଷ ହେଲା ଧର୍ମଶାଳା ଥାନାରେ କାର୍ଯ୍ୟ କରୁଥିଲେ। ଜାରକା ବିଟ୍ ହାଉସ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଏଏସ୍‌ଆଇ ସନ୍ତୋଷ କୁମାର ସିଂ ପଦୋନ୍ନତି ପାଇ ଜୁନ ୧୮ ରୁ ବିଟ୍ ହାଉସ ଛାଡି ବୈରୀ ପୋଲିସ ଟ୍ରେନିଂ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଫଳରେ ୩ ମାସ ହେଲା ଜାରକା ବିଟ ହାଉସ ଅଧିକାରୀ ପଦ ଖାଲି ପଡ଼ିଥିଲା। ବିଭିନ୍ନ ସମୟରେ ଧର୍ମଶାଳା ଥାନା ଏସ୍‌ଆଇ ଓ ଏଏସଆଇ ଏଠାକୁ ଆସି ଦାୟିତ୍ୱ ତୁଲାଉଥିଲେ। ଜାରକା ବଜାର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାବେଳେ ଏଠାରେ ୩ ମାସ ଧରି କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆ ନ ଯିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବିଟ ହାଉସରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବହୁବାର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶେଷରେ ଯାଜପୁର ଏସପି କାର୍ଯ୍ୟାଳୟଙ୍କ ପକ୍ଷରୁ ଜାରକା ବିଟ୍ ହାଉସରେ ଏଏସ୍‌ଆଇ ବେହେରାଙ୍କୁ ନିଯୁକ୍ତି କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସେ ବିଟ ହାଉସରେ ଯୋଗଦେବା ପରେ କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡ଼ି ବ୍ୟବହାର

ବରୀ,୧୮।୯(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଥିବା ଗାଡ଼ିକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରାଯାଇଛି। ବୁଧବାର ସରକାରୀ କାର୍ଯ୍ୟ ଦିବସ ଥିବାବେଳେ ବିଡିଓଙ୍କ ଏକ ବ୍ୟକ୍ତିଗତ ଭୋଜିରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ସ୍ଥିତ ତାଙ୍କ ବାସ ଭବନକୁ ସରକାରୀ ଗାଡ଼ି ନେଇ ବ୍ଲକର କର୍ମଚାରୀମାନେ ଯାଇଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ କାର୍ଯ୍ୟପାଇଁ ବ୍ଲକ କାର୍ଯ୍ୟାଳୟକୁ ଲୋକେ ଆସି ନିରାଶ ହୋଇ ଫେରିବା ଦେଖିବାକୁ ମିଳିଛି। ନିୟମ ମୁତାବକ, ବ୍ଲକ କାର୍ଯ୍ୟାଳୟରୁ ଯେଉଁ ସ୍ଥାନକୁ ସରକାରୀ ଗାଡ଼ି



ବ୍ୟବହାର ହେବ ତାହା ଖାତାରେ ଉଲ୍ଲେଖ ରହିବ। କିନ୍ତୁ ବୁଧବାର ବ୍ଲକ୍‌ର ସରକାରୀ ଗାଡ଼ି କେଉଁ କାର୍ଯ୍ୟରେ, କେଉଁ ସ୍ଥାନକୁ ଯାଇଥିଲା ତାହା ବ୍ଲକ କାର୍ଯ୍ୟାଳୟ ଲଗ ବୁକରେ ଉଲ୍ଲେଖ ରହିଛି କି ନାହିଁ ତା'ର ତଦନ୍ତ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନାହିଁ।

# ଘରୁ ଟଙ୍କା, ସୁନା ଚୋରି

ଯାଜପୁର ସଦର,୧୮।୯(ସମର ବିଜୟ ଶରଣ):

ଯାଜପୁର ସଦର ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି। ଏହି ଥାନା ଅଧୀନ ମହେଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର ହାଇସ୍କୁଲ ସମ୍ମୁଖରେ ରହୁଥିବା ହରିସ କୁମାର ସାହୁ ନାମକ ବ୍ୟକ୍ତି ଘରେ ତାଲା ପକାଇ କୌଣସି କାମରେ ଯାଇଥିବାବେଳେ ତାଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ହରିସଙ୍କ ଘରର ପଛପଟ ଝରକା ଭାଙ୍ଗି ଘରେ ପଶି ଗଡ୍‌ରେଜରେ ଥିବା ୩୫,୦୦୦ ଟଙ୍କା, ଚାନ୍ଦି କଏନ ୩ଟା ଓ ସିସିଟିଭି କ୍ୟାମେରାର ଯନ୍ତ୍ରାଂଶ ଏନ୍‌ଭିଆର ଏବଂ ଏଚ୍‌ଡିଡି ମେଶିନକୁ ଚୋରି କରି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଗବତ ଜନ୍ମ ପାଳିତ



ପାଣିକୋଇଲି,୧୮।୯(ବିକାଶ ମଲ୍ଲିକ):

ହିନ୍ଦୁଧର୍ମର ପରମଶାସ୍ତ୍ର ଭାଗବତର ଜନ୍ମୋତ୍ସବ ପାଣିକୋଇଲିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ପାଣିକୋଇଲି ପଞ୍ଚାୟତର ସାମନ୍ତରା ସାହି ଭାଗବତ ଟୁଙ୍ଗିଠାରେ ବାହ୍ମଣ ଅକ୍ଷୟ କୁମାର ଦାଶ ଓ ବିଜୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ପୂର୍ବତନ ଶିକ୍ଷକ ବଟକୃଷ୍ଣ ରାୟ ଯୋଗ ଦେଇଥିଲେ। ସେହିପରି ଦାମୋଦରପୁର ଗ୍ରାମରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଛି। ଏଥିସହିତ ପଥରପଦା ପଞ୍ଚାୟତ ଓଟିନ୍ଦା ଗ୍ରାମର ସୁବାସ ଧଳଙ୍କ ବାସଭବନରେ ଭାଗବତ ଜନ୍ମପାଳନ କରାଯାଇଛି।

# ଆଜି ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟିବ ରେଳପଥ ସଂଗ୍ରାମ ସମିତି

ଯାଜପୁର ଟାଉନ,୧୮।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଆସନ୍ତା ସେପ୍ଟେମ୍ବର ୧୯ରେ ପୂର୍ବତଟ ରେଳଥର ମହାପ୍ରବନ୍ଧକ ରମେଶ୍ୱର ଫୁଙ୍କୱାଲଙ୍କୁ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ପ୍ରତିନିଧି ଦଳ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାମଧ୍ୟରେ ରେଲ୍‌ୱେ ବୋର୍ଡର ପ୍ରକଳ୍ପ ମୂଲ୍ୟାୟନ କମିଟି ଓ ପୂର୍ବତଟ ରେଳପଥ ମଧ୍ୟରେ ମତ ବିନିମୟ ହୋଇଛି। ସଂଗ୍ରାମ ସମିତିର ଯୁଗ୍ମ ଆବାହକ ସତ୍ୟପ୍ରକାଶ ବେହୁରିଆ ସୂଚନା ଅଧିକାର ଆଇନ ବଳରେ ସଂଗ୍ରହ କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏହି ପ୍ରତିନିଧି ଦଳରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ସମିତିର ଅନ୍ୟ କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ବିଧାୟକ/ବିଧାୟିକାମାନଙ୍କୁ ସାମିଲ ହେବା ପାଇଁ ଅନୁରୋଧ କରାଯିବ ବୋଲି ସମିତି ଆବାହକ ସନ୍ତୋଷ ଦାସ ଜଣାଇଛନ୍ତି।

# ଦୁର୍ଘଟଣାରେ ବ୍ୟବସାୟୀ ମୃତ

ପାଣିକୋଇଲି,୧୮।୯(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥର ଅଢ଼େଇବାଟିଆ ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ମହମ୍ମଦ ଜମାଲପୁର(ଅଢେଇବାଟିଆ) ଗ୍ରାମର ଭାସ୍କର ବୋଇତାଇ(୫୦)। ମଙ୍ଗଳବାର ସନ୍ଧ୍ୟାରେ ସେ ବାଇକରେ ପାଣିକୋଇଲି ଆଡ଼କୁ ଆସୁଥିବାବେଳେ ଯାଜପୁର ରୋଡ୍ ପଟୁ ଏକ ଦ୍ରୁତଗାମୀ ଗାଡ଼ି ଆସି ତାଙ୍କୁ ସାଇଡ୍ ମାରି ପଳାଇଥିଲା। ଭାସ୍କର ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଭାସ୍କରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପାଣିକୋଇଲି ଅଣାଯିବା ପରେ ସ୍ଥାନୀୟ ଦୁର୍ଗା ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ତାଙ୍କୁ ଏକ ବାଇକ ରାଲିରେ ନିଜ ପୈତୃକ ବାସଭବନକୁ ନିଆଯାଇଥିଲା। ସଂଘ ପକ୍ଷରୁ ଉପଦେଷ୍ଟା ଡା. ନିର୍ମଳ ରଥ, ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ମାଝୀ, ଆଲୋକ ପରିଡ଼ା, ପ୍ରଶାନ୍ତ ବିଶ୍ୱାଳ, ଉଦୟନାଥ ରାଉତ, ଅଶୋକ ପରିଡ଼ାଙ୍କ ସମେତ ମାର୍କେଟର ସମସ୍ତ ବ୍ୟବସାୟୀ ବୋଇତାଇଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।



# ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ରସୁଲପୁର,୧୮।୯(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଯାଜପୁର ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ବର୍ଷରୁ କମ୍ ବାଳିକାବାଳକମାନଙ୍କ ରଗ୍‌ବି ଫୁଟବଲ୍, ନେଟବଲ୍, କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିରେ ୨୫୦ରୁ ଅଧିକ ପ୍ରତିଯୋଗୀ ଓ ୬୦ ଖେଳ ପରିଚାଳକ ଯୋଗଦେଇ ଖେଳକୁ ପରିଚାଳନା କରୁଛନ୍ତି। ବୁଧବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।



ଶିକ୍ଷକଙ୍କ ଗହଣରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

କ୍ରୀଡ଼ା ଶିକ୍ଷକ ଅନାଦି ଚରଣ ସାହୁ, ସୁବାସ ଚନ୍ଦ୍ର ବାରିକ, ନିରଞ୍ଜନ ଶତପଥୀ, ସବିତା ନାୟକ, ସୁଶାନ୍ତ ସାହାଣୀ, ଚନ୍ଦ୍ରିକା ମହାରଣା, ପ୍ରଦୀପ ସାହୁ, ପ୍ରଭାକର ରାଉତ, ମାନିନୀ ଦାଶ, ପ୍ରତାପ ବିଶ୍ୱଳ, ହେମନ୍ତ ପ୍ରଧାନ, କମଳାକାନ୍ତ ପ୍ରଧାନ, ଅରୁପାନନ୍ଦ ଦାଶ, ସୁରେଶ ସାହୁ, ଶୈଳଶ ମିଶ୍ର, ଶଙ୍କର୍ଷଣ ବେହେରା, ରାଜେଶ ସେଠୀ, ବିଜୟ ଦାଶ, କୃଷ୍ଣକାନ୍ତ ପଣ୍ଡା, ମାନସୁନି ସାହୁ, ଶିବାନୀ ସିଂହ, ବିକାଶ ଚନ୍ଦ୍ର ସାହୁ ପ୍ରମୁଖ ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଖେଳାଳିମାନଙ୍କ ପଞ୍ଜୀକରଣ କରାଯିବା ସହ ପ୍ରତିଯୋଗିତାକୁ ନେଇ ଖେଳସୂଚୀ ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ କ୍ରୀଡ଼ାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବାରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବେକରେ ଲୁଗାବାନ୍ଧି ବୃଦ୍ଧାଙ୍କ ଆତ୍ମହତ୍ୟା

ରାଜକନିକା,୧୮।୯(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା କଣ୍ଡିଆ ଫାଣ୍ଡି ଅନ୍ତର୍ଗତ ଦେଉଳତରା ଗାଁର ନୃସିଂହ ଜେନା ରାଜକନିକା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ମୁତାବକ ତାଙ୍କ ମା' ସୁକାନ୍ତି ଜେନା (୬୨)ମଙ୍ଗଳବାର ରାତିରେ ତାଙ୍କ ପୁରୁଣା ଘରେ ଆତ୍ମହତ୍ୟା କରିଛନ୍ତି। ଏ ନେଇ ରାଜକନିକା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୭/୨୪) ରୁଜୁ କରି ପୋଲିସ ସୁକାନ୍ତିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୁକାନ୍ତି ନିଜ ପିନ୍ଧା ଲୁଗାକୁ ଗଳାରେ ବାନ୍ଧି ଝୁଲି ପଡିଥିଲେ । କାହିଁକି ସେ ଆତ୍ମହତ୍ୟା କଲେ ସ୍ପଷ୍ଟ ହୋଇନାହିଁ । ପାରିବାରିକ କଳହକୁ କେନ୍ଦ୍ର କରି ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି।

### ୩୨ତମ ଗୃହାସନ ପ୍ରତିଷ୍ଠା ଉତ୍ସବ

ରାଜନଗର,୧୮।୯(ଭାସ୍କର ରାଉତରାୟ)

ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ କେରେଡାଗଡ଼ ଶାଖା ସଂଘର ଅନୀଲ କୁମାର ବଳଙ୍କ ୩୨ତମ ଗୃହାସନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଠାକୁର ନିଗମାନନ୍ଦଙ୍କ ଭାବଧାରା, ଆଦର୍ଶବାଦ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଯୋଗଦେଇଥିବା ଭକ୍ତଭାଇମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହ ଚରଣ ମଲିକ, ଗିରିଧାରୀ ରାଉତ, ଅକ୍ଷୟ କୁମାର ଚୌଧୁରୀ, କପିଳଚରଣ ବାରିକ, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ଜେନା, କୃପାସିନ୍ଧୁ ସାମଲ, ସୀତାକାନ୍ତ ରାଉଳ, ବ୍ରହ୍ମାନନ୍ଦ ରାଉତ, ଦାଶରଥୀ ଲେଙ୍କା, ସୁବାସ ଚନ୍ଦ୍ର ଦାସ, ଭାଗବତ ପ୍ରଧାନ, ଅକ୍ଷୟ କୁମାର ନାୟକ, ତ୍ରିଲୋଚନ ସାହୁ, କୈଳାସ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଗୌରାଙ୍ଗ ଚରଣ ବରାଳଙ୍କ ସମେତ ଆଳି, ପଟ୍ଟାମୁଣ୍ଡାଇ, ମହାକାଳପଡ଼ାର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

ଆଳି,୧୮।୯(ବନମାଳୀ ସେନାପତି)

କଟକ-ଚାନ୍ଦବାଲି ରାସ୍ତାର ଆଳି ଭରତପୁର ନିକଟରେ ଏକ ଗାଡ଼ି ଧକ୍କାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ବିକାଶ ଶତପଥୀ ଓ ନୂଆପାଟଣା ଗ୍ରାମର ଗୋଲଖ ଚନ୍ଦ୍ର ଦାସ ଚାନ୍ଦବାଲିରୁ କାମ ସାରି ଘରକୁ ଫେରୁଥିଲେ । ସିଙ୍ଗିରି ପେଟ୍ରୋଲ ଟାଙ୍କିଠାରୁ କିଛି ଦୂରରେ ରାସ୍ତା କଡ଼ରେ ଗାଡ଼ି ରଖି ଗୋଲଖ ପରିଶ୍ରା କରୁଥିଲେ । ଏହି ସମୟରେ ଆଳିରୁ ଦ୍ରୁତଗତିରେ ଯାଉଥିବା ଏକ ଗାଡ଼ି ଗୋଲଖଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଆଳି ଦମକଳ ବାହିନୀ ପହଞ୍ଚି ଗୋଲଖଙ୍କୁ ଆଳି ମେଡିକାଲ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ବାଧ୍ୟ ହୋଇ ଡିଏଚ୍‌ଏଚ୍‌ରୁ ମୃତଦେହ ନେଲା ପୋଲିସ

■ ତିର୍ତ୍ତୋଲ ପୋଲିସ କାର୍ଯ୍ୟକୁ ନେଇ ସନ୍ଦେହ

■ ୩ ଦିନ ପୂର୍ବରୁ ରାସ୍ତାପାର୍ଶ୍ୱରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଥିଲା

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ପଚିଯିବାରୁ ଦୁର୍ଗନ୍ଧରେ ଲୋକେ ଅତିଷ୍ଠ



ଜଗତ୍‌ସିଂହପୁର, ୧୮।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରୁ ୩ ଦିନ ପୂର୍ବରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ବ୍ୟକ୍ତିଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ। ଅନ୍ୟପକ୍ଷେ ପୋଲିସ ପଞ୍ଚନାମା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ଆଣିଥିଲା। ୧୬ ତାରିଖରେ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ଜିମା ଦିଆଯାଇଥିଲା। କିନ୍ତୁ ମୃତଦେହ ନେଇ ଆସିଥିବା ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ବେଳାଏ ଶବ ସଂରକ୍ଷଣ ଗୃହରେ ରଖିବାକୁ ଅନୁରୋଧ କରିଥିଲେ। ଏସ୍‌ଆଇଙ୍କ ଅନୁରୋଧ ରକ୍ଷା କରି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଶବ ସଂରକ୍ଷଣ ଗୃହରେ ମୃତଦେହ ରଖିବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତା' ପରେ ଆଉ ଏସ୍‌ଆଇ ଆସି ନ ଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ମୃତଦେହ ପଚି ଦୁର୍ଗନ୍ଧରେ ନାକ ଫାଟି ପଡ଼ିଥିଲା। ଏ ପରିସ୍ଥିତିରେ ଡିଏଚ୍‌ଏଚ୍ ପକ୍ଷରୁ ଏସ୍‌ପି ରାହୁଲ ପିଆର୍‌ଙ୍କ ହସ୍ତକ୍ଷେପ ଲୋଡ଼ା ଯାଇଥିଲା। ବୁଧବାର ତିର୍ତ୍ତୋଲ ପୋଲିସ ମୃତଦେହ ନେଇଥିବା ଜଣାଯାଇଛି। ତେବେ କେଉଁ କାରଣରୁ ପୋଲିସ ଡିଏଚ୍‌ଏଚ୍‌ରେ ମୃତଦେହ ରଖି ନେବା ପାଇଁ ଆସି ନ ଥିଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଏ ସମ୍ପର୍କରେ ତିର୍ତ୍ତୋଲ ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ପଚାରିବାରୁ ଗତ ୧୫ ତାରିଖରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ବ୍ୟକ୍ତିଜଣକ ଚାଲି ଚାଲି ଯାଉଥିବା ବେଳେ କୌଣସି ୪ ଚକିଆ ଯାନ ପିଟିଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏଭଳି ଦୁର୍ଘଟଣା ସମ୍ପର୍କରେ ଏହି ଥାନା ରଥିପୁର ଗାଁର ଦେବାଶିଷ ପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି, ୧୫ ତାରିଖ ରାତି ପ୍ରାୟ ୧୧ଟା ୨୦ରେ ତାଙ୍କ ଘର ବାଲ୍‌କୋନିରେ ବୁଲୁଥିବାବେଳେ ପ୍ରଚଣ୍ଡ ଶବ୍ଦ ଶୁଣିଥିଲେ। ତା' ପରେ କ'ଣ ହେଲା ଭାବି ରାସ୍ତା ଆଡ଼କୁ ଦେଖିଲା ବେଳକୁ ଏକ ବଡ଼ ୪ ଚକିଆ ଗାଡ଼ି ବେପରୁଆ ଭାବେ ଦ୍ରୁତ ଗତିରେ କଟକ ଆଡୁ ଆସି ଅଜଣା ବ୍ୟକ୍ତିଙ୍କୁ ପିଟି ଖସି ଯାଇଥିଲା। ପରେ ସେ ଏହି ଅଜଣା ବ୍ୟକ୍ତିଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବ୍ୟବସ୍ଥା କରିଥିଲେ। କିନ୍ତୁ ସେଠାରେ ମୁଖ୍ୟ ଚିକିତ୍ସାଧିକାରୀ ମୃତ ଘୋଷଣା କରିଥିଲେ। ତେଣୁ ସେ ୧୬ ତାରିଖରେ ତିର୍ତ୍ତୋଲ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପରେ ପୋଲିସ ଦଫା ୨୮୧, ୧୦୬ ବିଏନ୍‌ଏସ୍‌ରେ ନଂ. ୪୪୭/୨୪ରେ ମାମଲା ରୁଜୁ କରିବା ସହ ଏସ୍‌ଆଇ ଏ. ରାଉତଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏହି ମାମଲାରେ ପୋଲିସ ପଞ୍ଚନାମା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲା। ତେବେ ବ୍ୟକ୍ତି ଜଣକ ପାରାଦୀପରୁ ଫେରୁଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା କେହି କେହି କହୁଛନ୍ତି।

ଆଉ କେତେଜଣ ତିର୍ତ୍ତୋଲ ବଜାରରେ ଉକ୍ତ ବ୍ୟକ୍ତି ଜଣକ ବୁଲାବୁଲି କରୁଥିବା କଥା ଶୁଣାଯାଉଛି ବୋଲି ଆଇଆଇସି କହିଥିଲେ। କିନ୍ତୁ ଏହା ଉପରେ ଏଡିଏମ୍‌ଓ (ମେଡିକାଲ) ଡା. ସରୋଜ ଜେନାଙ୍କୁ ପଚାରିବାରେ ୧୬ ତାରିଖରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଏହା ପରେ ମୃତଦେହ ଆଣି ଆସିଥିବା ଏସ୍‌ଆଇଙ୍କୁ ମୃତଦେହ ନେଇଯିବା ପାଇଁ କୁହାଯାଇଥିଲା। କିନ୍ତୁ ବେଳାଏ ଶବ ସଂରକ୍ଷଣ ଗୃହରେ ମୃତଦେହ ରଖିବାକୁ ସମ୍ପୃକ୍ତ ଏସ୍‌ଆଇଙ୍କ ଅନୁରୋଧ ରକ୍ଷା କରି ବେଳାଏ ରଖାଯିବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏସ୍‌ଆଇ ଆଉ ନ ଆସିବାରୁ ତାଙ୍କୁ ବାରମ୍ବାର ଫୋନ କରାଯାଇଥିଲା, କିନ୍ତୁ କିଛି ଲାଭ ହୋଇ ନ ଥିଲା। ବୁଧବାର ସକାଳୁ ମୃତଦେହ ପଚି ଏତେ ଦୁର୍ଗନ୍ଧ ହୋଇଥିଲା ଯେ, ଡିଏଚ୍‌ଏଚ୍‌ରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ଏଥିଯୋଗୁ ରୋଗୀ, ସେମାନଙ୍କ ସମ୍ପର୍କୀୟ, ଡାକ୍ତରଖାନା କର୍ମଚାରୀ ଓ ଅନ୍ୟ ଲୋକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ପରିସ୍ଥିତିରେ ଶେଷରେ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ାଯିବାରୁ ତିର୍ତ୍ତୋଲ ପୋଲିସ ପୂର୍ବାହ୍ନ ୧୦ଟାରେ ପହଞ୍ଚି ମୃତଦେହ ନେଇ ଯାଇଥିଲେ। ତେବେ ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

# ଚାଷଜମିର ହେଉଛି ଡିଜିଟାଲ ଫସଲ ସର୍ବେକ୍ଷଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରଘୁନାଥପୁର,୧୮।୯(ରାଜେନ୍ଦ୍ର ନାରାୟଣ ସିଂହ)

■ ୬ ସର୍କଲରେ ୪୮ କର୍ମଚାରୀ ନିୟୋଜିତ

■ ଲଗାଣ ବର୍ଷା ବାଧକ ସାଜିଛି

ଜଗତ୍‌ସିଂହପୁର ଜିଲା କୃଷି ବିଭାଗ ନିର୍ଦ୍ଦେଶ ମୁତାବକ ରଘୁନାଥପୁର ବ୍ଲକରେ ଅଗଷ୍ଟ ୧୬ରୁ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର ଦଳେଇଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି। ମୋଟ ୭୦ ହଜାର ୩୨୮ ପ୍ଲଟ୍‌ରେ ଫସଲ ସର୍ବେକ୍ଷଣ ପାଇଁ ବ୍ଲକ କୃଷି ବିଭାଗ ପକ୍ଷରୁ ୬ଟି ଭିଏଡବ୍ଲ୍ୟୁ ସର୍କଲରେ ୪୮ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଅଦ୍ୟାବଧି ୩୮,୩୩୧ ପ୍ଲଟର ସର୍ବେକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଲଗାଣ ବର୍ଷା ଏଥିରେ ବାଧକ ସାଜିଛି। ଅନେକ ଚାଷଜମି ପାଣିରେ ବୁଡ଼ି ରହିଥିବାରୁ ପାଣିକାଦୁଅରେ ପଶି ଚାଷଜମିର ଫଟୋ ଉଠାଇବା ସମ୍ଭବ ହେଉ ନାହିଁ ବୋଲି ସର୍ବେକ୍ଷଣ କର୍ମଚାରୀମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଏହି ସର୍ବେକ୍ଷଣ ପାଇଁ କୃଷି କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସହକାରୀ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା, ବିଟିଏମ୍ ମୋନାଲିସା ପାଢ଼ୀ, ଏଏଚ୍‌ଓ ମୋନାଲିସା ପତି ଓ ଆର୍‌ଆଇ ଲିଜାରାଣୀ ପରିଡ଼ା ମାଷ୍ଟର ଟ୍ରେନର ଭାବେ ନିୟୋଜିତ ଅଛନ୍ତି। ସରକାରଙ୍କ ପକ୍ଷରୁ ଉତ୍ପାଦନ, କ୍ଷୟକ୍ଷତି ତଥା ଅନ୍ୟ କ୍ଷେତ୍ରରେ ଫସଲର ଠିକ୍ ଆକଳନ ପାଇଁ ଭୂଲେଖ ଆପ୍ ଜରିଆରେ ଚାଷଜମି ନିକଟକୁ ଯାଇ ଫଟୋ ଉଠାଇ ଏହାର ତଥ୍ୟ ହାସଲ କରିବା ସର୍ବେକ୍ଷଣର ଉଦ୍ଦେଶ୍ୟ ବୋଲି ବ୍ଲକ କୃଷି ଅଧିକାରୀ ଦଳେଇ ପ୍ରକାଶ କରିଛନ୍ତି। ଭିଏଡବ୍ଲ୍ୟୁ ଅମିୟ କୁମାର ପରିଜା, ସଞ୍ଜୟ କୁମାର ନାୟକ, ଅନିତା ମଲ୍ଲିକ, ସୁବ୍ରା ମଣ୍ଡଳ ଓ ଅମିତାଭ ପଟ୍ଟନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ କାର୍ଯ୍ୟ ତଦାରଖ କରୁଛନ୍ତି।

# ଭୂମିହୀନ ପରିବାରର ଘର ଭାଙ୍ଗିଲା ପ୍ରଶାସନ



ଜେସିବି ମାଧ୍ୟମରେ ଘର ଭଙ୍ଗାଯାଉଛି।



ମଙ୍ଗୁଳି ମୁଦୁଲିଙ୍କ ପରିବାର ପଲିଥିନ୍ ତଳେ ଆଶ୍ରୟ ନେଇଛନ୍ତି।

କୁଜଙ୍ଗ,୧୮।୯(ମନୋଜ ପ୍ରଧାନ)

ସରକାରୀ ଜାଗାରେ ଘର କରି ରହୁଥିବା ଜଣେ ଭୂମିହୀନ ପରିବାରର ଘର ଏରସମା ତହସିଲ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ଫଳରେ ଉକ୍ତ ପରିବାର ବେସାହାରା ହୋଇ ପଡ଼ିବା ସହ ନିକଟସ୍ଥ ଏକ ଜାଗାରେ ଜରି ପାଲ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଯାହାକୁ ସାଧାରଣରେ ନିନ୍ଦା କରାଯାଉଛି।

ଏରସମା ତହସିଲ ଅନ୍ତର୍ଗତ ନୂଆଗାଁ ରାଜସ୍ୱ ମୌଜାର ବାସିନ୍ଦା ଭୂମିହୀନ ମଙ୍ଗୁଳି ମୁଦୁଲି ଦୀର୍ଘବର୍ଷ ହେଲା ଗାଁର ଆବାଦ ଯୋଗ୍ୟ ଅନାବାଦୀ ପ୍ଲଟ ନଂ. ୨୬୬୪, ଖାତା ନଂ. ୭୨୩ କିସମ ଘରବାରିରେ ଘର କରି ରହୁଥିଲେ। ବ୍ୟକ୍ତିଗତ ଶତ୍ରୁତାକୁ ନେଇ ସେହି ଗାଁର ରଶ୍ମି ରଞ୍ଜନ ନାୟକ ମିଥ୍ୟା ଭାବେ ମଙ୍ଗୁଳି ରାସ୍ତା କିସମ ଥିବା ଖାତା ନଂ. ୭୨୪, ପ୍ଲଟ ନମ୍ବର ୧୭୬୫କୁ ଜବରଦଖଲ କରି ଅବରୋଧ କରିଥିବା ଓ ତାଙ୍କୁ ଉଚ୍ଛେଦ କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା କରିଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ପୂର୍ବ ତହସିଲଦାର ଘଟଣାସ୍ଥଳକୁ ଆସି ମାପଚୁପ କରି ଦେଖିବାରେ ଉକ୍ତ ଘର ରାସ୍ତା ଉପରେ ନ ଥିବାରୁ ଉଚ୍ଛେଦ ନ କରି ଫେରି ଯାଇଥିବା ମଙ୍ଗୁଳିଠାରୁ ପ୍ରକାଶ। ହେଲେ ରାଜସ୍ୱ ନିରୀକ୍ଷକ ଚନ୍ଦନ ବେହେରା ଓ ରାଜସ୍ୱ ପରିଦର୍ଶକ ରବୀନ୍ଦ୍ର ଲେଙ୍କା ମିଥ୍ୟା ଭାବେ ମଙ୍ଗୁଳି ରାସ୍ତା କିସମ ନଂ.୧୭୬୫ ପ୍ଲଟକୁ ଜବରଦଖଲ କରି ରଖିଛନ୍ତି। ବର୍ତ୍ତମାନର ତହସିଲଦାରଙ୍କ ସମେତ ନ୍ୟାୟାଳୟଙ୍କୁ ଅବଗତ କରିଥିବା ନେଇ ମଙ୍ଗୁଳି ଲିଖିତ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଜଣାଇଛନ୍ତି। ରଶ୍ମି ରଞ୍ଜନ କଥାରେ ପ୍ରଭାବିତ ହୋଇ ରାଜସ୍ୱ ପରିଦର୍ଶକ ଲେଙ୍କା ଗ୍ରାମବାସୀଙ୍କ ସମେତ ମଙ୍ଗୁଳିଙ୍କ କୌଣସି କଥା ନ ଶୁଣି ମାପ ଚୁପ ନ କରି ଆକ୍ରୋଶ ରଖି ଘର ଭାଙ୍ଗିବା ନେଇ ନିଷ୍ପତ୍ତି ନେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। କୌଣସି କଥାକୁ ତଥା ମଙ୍ଗୁଳି ଦମ୍ପତିଙ୍କ ନେହୁରାକୁ ଖାତିର ନ କରି ଘର ଭାଙ୍ଗି ଦେଇଛନ୍ତି। ବର୍ଷା ଋତୁରେ ସେ କେଉଁଠି ରହିବେ ସେ କଥା ମଧ୍ୟ ପ୍ରଶାସନ ଚିନ୍ତା କରିନାହିଁ। ଆହୁରି ମଧ୍ୟ ଉଚ୍ଛେଦ କଲେ ଆତ୍ମାହୁତି ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ପ୍ରିୟଜନଙ୍କ ବୁଝାଶୁଝା କରିବାରେ ସେ ନିଷ୍ପତ୍ତିରୁ ଓହରି ଯାଇଥିବା କହିଛନ୍ତି। ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ ବୋଲି ଭାଜପା ସରକାର ନିଷ୍ପତ୍ତି ନେଇଛନ୍ତି। ଭୂମିହୀନମାନେ ୪ ଡିସିମିଲ ଜାଗା ପାଇବା ନିମନ୍ତେ ବସୁନ୍ଧରା ଯୋଜନାରେ ଦରଖାସ୍ତ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଶାସନ ଗରିବ ଭୂମିହୀନଙ୍କୁ ସରକାରୀ ଜାଗାରୁ ଉଚ୍ଛେଦ କରି ବେସାହାରା କରିବା ଘଟଣା ଆଲୋଚନାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ରଶ୍ମିରଞ୍ଜନଙ୍କ ପରିବାର ପ୍ଲଟ ନଂ. ୧୭୬୫କୁ ଜବରଦଖଲ କରି ରଖିଥିବାବେଳେ ତାଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ସମ୍ପୃକ୍ତ ରାଜସ୍ୱ ପରିଦର୍ଶକ ମିଥ୍ୟା ଭାବେ ୨୬୬୪ ନଂ. ପ୍ଲଟକୁ ୧୭୬୫ ଦର୍ଶାଇଥିବା ମଙ୍ଗୁଳି ଲିଖିତ ଅଭିଯୋଗ କରିଛନ୍ତି। ବର୍ଷା ଋତୁରେ ଜଣଙ୍କୁ ବାସଚ୍ୟୁତ କରିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କୁ ପଚାରିବାରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମତେ ଉଚ୍ଛେଦ କରାଯାଉଛି। ତଦନ୍ତ ପରେ ସେ ଯଦି ଯୋଗ୍ୟ ବିବେଚିତ ହୁଅନ୍ତି ତାଙ୍କୁ ସରକାରୀ ନିୟମରେ ଘର ଡିହ ଯୋଗାଇ ଦିଆଯିବ। ସରକାର ଭୂମିହୀନ ମଙ୍ଗୁଳିଙ୍କ ପରିବାରକୁ ଘର ଡିହ କେବେ ଯୋଗାଇ ଦେଉଛନ୍ତି ନା ଜରି ପାଲ ତଳେ ଜୀବନ ବିତୁଛି ଦେଖିବାକୁ ବାକି ରହିଲା।

# ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

## ବଡିହ ହତ୍ୟାକାଣ୍ଡ ଘଟଣା

କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ)

ଆଳି ଥାନା ବଡିହ ଗାଁରେ ୨୦୧୪ରେ ଅର୍ଜୁନ ରାଉତଙ୍କ ଆକ୍ରମଣଜନିତ ମୃତ୍ୟୁ ମାମଲାର ଦ୍ୱିତୀୟ ପର୍ଯ୍ୟାୟ ରାୟ ବୁଧବାର ପ୍ରକାଶ ପାଇଛି। ଏ ନେଇ ନଂ.୧୦୪/୧୪ରେ ଗାଁର ସୁକାନ୍ତ ବାରିକ, ତ୍ରିଲୋଚନ ଦାସ ଓ ଆଇଅଣ୍ଡେ ମହୁଲିଆ ଗାଁର ଜୟରାମ ବାରିକଙ୍କୁ ଜିଲା ଦୌରାଜଜ୍ ବିଶ୍ୱଜିତ ମହାନ୍ତି ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫ ହଜାର ଟଙ୍କା ଅନାଦାୟରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ପରିଚାଳନାକାରୀ ପିପି ମାନସ ରଞ୍ଜନ ବେହେରା କହିଛନ୍ତି, ମୃତକ ଅର୍ଜୁନ ଓ ତାଙ୍କ ପୁଅ ପ୍ରତାପ ଗାଁର ତ୍ରୈଲୋକ୍ୟ ଜେନାଙ୍କୁ ୨୦୧୪ ଏପ୍ରିଲ ୮ ସନ୍ଧ୍ୟା ୮ଟାରେ ସାଥିରେ ନେଇ ଯାଉଥିଲେ। ଏହି ସମୟରେ ଗ୍ରାମର ଭାଗୀରଥି ବାରିକଙ୍କ ଘର ପାଖରେ ଉପରୋକ୍ତ ୪ଜଣଙ୍କ ସହିତ ଲିଲିରାଣୀ ବାରିକ, ବିଦ୍ୟୁଲତା ବାରିକ, ରତିକାନ୍ତ ମହାପାତ୍ର ଓ ଅନ୍ୟମାନେ ଲୁହାରଡ଼, ଖଣ୍ଡା, ଭୁଜାଲି ଆଦିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଗୁରୁତର ଥିବା ଅର୍ଜୁନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ମୃତ୍ୟୁ ହୋଇଥିଲା। ପୂର୍ବ ଶତ୍ରୁତାରୁ ଏହି ମରଣାନ୍ତକ ଆକ୍ରମଣକୁ ନେଇ ପ୍ରତାପ ଥାନାରେ ଅଭିଯୋଗପତ୍ର ଦେଇଥିଲେ। ଏହି ମାମଲାରେ ଜାନୁଆରୀ ୧୮ରେ ପ୍ରଥମ ପର୍ଯ୍ୟାୟ ରାୟ ପ୍ରକାଶ ପାଇଥିଲା। ଭାଗୀରଥି ବାରିକଙ୍କୁ ଆଜୀବନ କାରାଦଣ୍ଡ ହୋଇଛି। ପ୍ରମାଣ ଅଭାବରୁ ଲିଲିରାଣୀ, ବିଦ୍ୟୁଲତା ଓ ରତିକାନ୍ତ ଖଲାସ ହୋଇଛନ୍ତି।

# ମାଛ ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଶିବିର

## ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

ପାଟକୁରା,୧୮।୯(ରବୀନ୍ଦ୍ର ନାଥ ବାରିକ): ବୁଧବାର କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ସଭାଗୃହରେ ମାଛ ଚାଷୀଙ୍କ ପାଇଁ ୨ ଦିନିଆ ତାଲିମ ଓ ସଚେତନତା ଶିବିର ଆରମ୍ଭ ହୋଇଛି । ଏହା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ କେନ୍ଦ୍ରାପଡ଼ା ବ୍ଲକ, ଡେରାବିଶ ବ୍ଲକ, ଗରଦପୁର ବ୍ଲକ, ମାର୍ଶାଘାଇ ବ୍ଲକ ଓ ମହାକାଳପଡ଼ା ବ୍ଲକରୁ ସମୁଦାୟ ୪୦ଜଣ ଅଗ୍ରଣୀ ମାଛ ଚାଷୀ ଭାଗ ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟ ବିଭାଗ ସହାୟତାରେ ଆୟୋଜିତ ଏହି ତାଲିମ ଶିବିରରେ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଗରଦପୁର ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକ, ଅଗ୍ରଣୀ ଚାଷୀ ସୌରଭ କୁମାର ବିଶ୍ୱାଳ, ବ୍ଲକ ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଶିବିରରେ ଯୋଗଦେଇ ଚାଷୀମାନଙ୍କୁ ମାଛ ଚାଷ ବିଷୟରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ ସହିତ ପ୍ରଶିକ୍ଷଣ ଦେଇଥିଲେ। ଜଣେ ନିଷ୍ଠାର ସହ ମାଛଚାଷ କଲେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ କହିଥିଲେ । ଏଥିପାଇଁ ସରକାରୀସ୍ତରରେ ଚାଷୀଙ୍କ ପାଇଁ ପ୍ରୋତ୍ସାହନରାଶିର ବ୍ୟବସ୍ଥା ଅଛି ବୋଲି ସେ ସୂଚନା ଦେଇଥିଲେ । ପୋଖରୀ ପରିଚାଳନା, ଚୂନ ପ୍ରୟୋଗ, ମାଛଦାନାର ଠିକ ପରିଚାଳନା, ଯାଆଁଳ ଚୟନ ବାବଦରେ ପ୍ରଶିକ୍ଷଣ ଦେଇ ଅଗ୍ରଣୀ ଚାଷୀ ତଥା ମାଷ୍ଟର ଟ୍ରେନର ସୌରଭ ବିଶ୍ୱାଳ କହିଥିଲେ ଏସବୁକୁ ଧ୍ୟାନ ଦେଲେ ଚାଷୀ ନିଶ୍ଚୟ ଲାଭବାନ ହେବ । ଏଣୁ ମାଛ ଚାଷ ପାଇଁ ଚାଷୀମାନେ ଅଧିକ ଆଗ୍ରହ ପ୍ରକାଶ କରିବା ଉଚିତ୍ ବୋଲି ସେ କହିଥିଲେ । ଗରଦପୁର ବ୍ଲକ ଅଞ୍ଚଳରେ ଚାଷୀମାନଙ୍କୁ ସମସ୍ତ ବୈଷୟିକ ପରାମର୍ଶ ଯୋଗାଇଦେବାକୁ ବ୍ଲକ ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ସାଗରମିତ୍ର ଦୀପକ ବେହେରା ଶିବିରରେ ସହଯୋଗ କରିଥିଲେ ।

### ଏରସମା: ବିଶ୍ୱଶାନ୍ତି ବୈଦିକ ଦେବଯଜ୍ଞ

ଏରସମା,୧୮।୯ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ଗ୍ରାମରେ ମା' ଚାଟଖାଇ ଭାଗବତ ପ୍ରଚାର ସମିତି ପକ୍ଷରୁ ବିଶ୍ୱଶାନ୍ତି ବୈଦିକ ଦେବଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଭାଗବତ ଜନ୍ମ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ଯଜ୍ଞରେ ବୁଧବାର ପ୍ରଭାତରେ ସୂର୍ଯ୍ୟ ପୂଜା, ଘଟ ସ୍ଥାପନ ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଲା। ସମିତିର ସଭାପତି ସିଦ୍ଧେଶ୍ୱର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ପୁରୋହିତ ଭାବେ ବେଦ ପ୍ରଚାରକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। କର୍ତ୍ତା ଭାବେ ଅନାଥବନ୍ଧୁ ବେହେରା, ସ୍ତ୍ରୀ ମିନତି ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ପୂର୍ଣ୍ଣାହୁତିରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଅର୍ଘ୍ୟ ପ୍ରଦାନ କରିଥିଲେ। ଏଥିରେ ଶୈଳବାଳା ଦାସ, ନର୍ମଦା ବେହେରା, ଶାନ୍ତିଲତା ଓଝା, ସାବିତ୍ରୀ ଦାସ, ଛବିରାଣୀ ରାଉତ, ବଂଶୀଧର ସେନାପତି, ଅନାଦି ହାତୀ, ବୈରାଗୀ ବେହେରା, ହେମନ୍ତ ଓଝା ପ୍ରମୁଖ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବିଶ୍ୱକର୍ମା ପୂଜା ମହୋତ୍ସବର ୩ୟ ଦିନ

# ଗହଳି ଯୋଗୁ ଚୋରି ବୃଦ୍ଧି



ପାରାଦୀପ ବିଶ୍ୱକର୍ମା ମହୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକେ ଦେଖୁଛନ୍ତି।





ବିଶ୍ୱକର୍ମା ପୂଜା ଅବସରରେ ଆଲୋକମାଳାରେ ଝଲସୁଛି ତୋରଣ।

ପାରାଦୀପ,୧୮।୯(ଶରତ ରାଉତ)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ବୁଧବାର ତୃତୀୟ ଦିନରେ ଲୋକଙ୍କ ଭିଡ଼ ହୋଇଛି। ପୂଜା ମଣ୍ଡପ ଅଞ୍ଚଳରେ ଭିଡ଼ ଯୋଗୁ ଚୋରି ହେଉଛି। କାହାର ମନିପର୍ସ ତ କାହାର ସୁନା ଗହଣା ଓ ମୋବାଇଲ। ଛୋଟ ପିଲା ଓ ମହିଳାମାନେ ଏଭଳି ଚୋରି କରୁଥିବା ଏକାଧିକ ଘଟଣାରୁ ଜଣାପଡିଛି। କଟକ କିଶନଗର ବାରିମୂଳ ଅଞ୍ଚଳର ଜଣେ ଯୁବତୀଙ୍କଠାରୁ ଜଣେ ମହିଳା ବ୍ୟାଗ ଛଡାଇ ନେବାବେଳେ ଧରା ପଡିଥିଲା। ସମ୍ପୃକ୍ତ ମହିଳା ଚୋରକୁ ପୋଲିସ ଜିମାରେ ଦିଆଯାଇଛି।

ସେହିପରି ମାର୍ଶାଘାଇ ଅଞ୍ଚଳର ଜଣେ ୧୨ବର୍ଷୀୟା ଝିଅ ସୁନା କାନ ଫୁଲ ଚୋରି ହୋଇଛି ବୋଲି ଜଣାପଡ଼ିଛି। ବ୍ୟାପକ ପୋଲିସ ଓ ସିସିଟିଭି ସତ୍ତ୍ୱେ ଚୋରି ବଢୁଛି।

### ଇକୋ ଫ୍ରେଣ୍ଡ୍‌ଲି ତୋରଣ ଓମ୍ପା

ବିଶ୍ୱକର୍ମା ପୂଜା ତୋରଣ ମଧ୍ୟରେ ଯେଉଁ କେତୋଟି ଆକର୍ଷଣୀୟ ରହିଛି। ସେଥିରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ଅନ୍ୟତମ। ଚଳିତବର୍ଷ ସମ୍ପୂର୍ଣ୍ଣ ତୋରଣରେ କେବଳ ବାଉଁଶ ଓ ମାଟି ବ୍ୟବହାର ହୋଇଛି। ବାଉଁଶ ପାତିଆ ଓ କୁଲାରେ ତୋରଣ ହୋଇଛି। ପ୍ରାଚୀନ ରାଜମହଲ ସଦୃଶ୍ୟ ସୌନ୍ଦର୍ଯ୍ୟକରଣ ପାଇଁ ମାଟିରେ ନିର୍ମିତ ଟେରାକୋଟା କଳାକୃତି ବ୍ୟବହାର କରାଯାଇଛି। ଯାହା ଅନ୍ୟମାନଙ୍କଠାରୁ ନିଆରା ବୋଲି ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା କୁହନ୍ତି। ତୋରଣରେ ପ୍ଲାଷ୍ଟିକ କିମ୍ବା ପଲଥିନ ବ୍ୟବହାର ହୋଇନାହିଁ। ଚଳିତବର୍ଷ ମେଲୋଡି କାର୍ଯ୍ୟକ୍ରମ ବନ୍ଦ କରାଯାଇଛି। ସେହି ଅର୍ଥରେ ପ୍ରତି ସନ୍ଧ୍ୟାରେ ୨ ହଜାର ପ୍ରସାଦ ପ୍ୟାକେଟ ଦିଆଯାଉଛି। ସବୁଦିନ ୨ ହଜାର ଫଳନ୍ତିଗଛ ଚାରା ବଣ୍ଟନ କରାଯାଉଛି ବୋଲି ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି।

### ବିଏମ୍‌ଏସ୍‌ର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛ ସଚେତନତା

ନୂଆବଜାର ପଟରୁ ବିଶ୍ୱକର୍ମା ତୋରଣ ମଧ୍ୟରେ ପ୍ରଥମ ଥିବା ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ସୁଉଚ୍ଚ ତୋରଣ ରହିଛି। ସେଠାରେ ଆୟୋଜକମାନେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଯଥା ଡେଙ୍ଗୁ, ହଇଜା, ସ୍ୱାସ୍ଥ୍ୟ ସଚେତନତା, ମହିଳା ସଶକ୍ତୀକରଣ, ଭଳି କାର୍ଯ୍ୟକ୍ରମ ଅଛି। ପୂଜା ମଧ୍ୟରେ ଏଭଳି ପ୍ରୟାସ କିଛିକାଂଶରେ ଲୋକଙ୍କ ଭାବାନ୍ତର କରିବ ବୋଲି ସଂଘ ସଭାପତି ରାକେଶ କୁମାର ପଟ୍ଟନାୟକ କହିଛନ୍ତି। ମୟୂର କଳାକୃତି ପାଖରେ ସର୍ବାଧିକ ଭିଡ଼ ପାରାଦୀପ ଓମ୍ପର ସଂଘ ପକ୍ଷରୁ ନିର୍ମିତ ତୋରଣ ପାଖରେ ଚଳିତବର୍ଷ ସର୍ବାଧିକ ଭିଡ଼ ହେଉଛି। ଆକର୍ଷଣୀୟ କାରୁକାର୍ଯ୍ୟ ଓ ଆଲୋକୀକରଣ ପାଖରେ ଯୁବଗୋଷ୍ଠୀ ସେଲଫି ନେଉଥିବା ଦେଖିବାକୁ ମିଳିଛି।

# ସାମାଜିକ ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ନୂଆଗାଁ,୧୮।୯(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଅଧୀନ ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ।

ବ୍ଲକସ୍ତରୀୟ ଏହି ଜନ ଶୁଣାଣୀରେ ବିଭାଗୀୟ ଅଧିକାରୀ, ସାମାଜିକ ସମୀକ୍ଷା କର୍ମଚାରୀ, ଅଧିକାରୀ, ଜବ୍ କାର୍ଡଧାରୀ ଓ ଲୋକମାନଙ୍କ ଉପସ୍ଥିତିରେ କରାଯିବାର ନିୟମ ରହିଛି । ହେଲେ ଏହି କାର୍ଯ୍ୟକ୍ରମରେ ସାମାଜିକ ସମୀକ୍ଷାର କର୍ମଚାରୀ , କେତେଜଣ ଜନ ପ୍ରତିନିଧି , ହାତ ଗଣତି କେତେଜଣ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ କୌଣସି ଜବ୍ କାର୍ଡଧାରୀ ବ୍ୟକ୍ତି କିମ୍ବା ସାଧାରଣ ଲୋକ ଉପସ୍ଥିତ ନ ଥିଲେ । ଏମଜିଏନଆରଇଜିଏସ୍ ସହିତ ଜଡିତ ଥିବା ସମସ୍ତ ବିଭାଗର କର୍ମଚାରୀ ଶିବରରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମହିପୁର ବନ ବିଭାଗର କୌଣସି କର୍ମଚାରୀ ଆସି ନ ଥିଲେ। ସେମାନଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା । ଏପରି କି ମହିପୁର ବନ ବିଭାଗ ଦ୍ୱାରା ହୋଇଥିବା ଅନେକ କାର୍ଯ୍ୟରେ ଅନିୟମିତତା ପାଇଁ ଲକ୍ଷାଧିକ ଟଙ୍କା ଜରିମାନା ହୋଇଥିଲେ ମଧ୍ୟ ତାହା ଦେଉ ନାହାନ୍ତି । ସାମାଜିକ ସମୀକ୍ଷକ ଚିଠି କରିବା ସହ ଫୋନ କରିଥିଲେ ମଧ୍ୟ ରେଞ୍ଜର ଫୋନ ଉଠାଉ ନ ଥିବା ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରା କହିଥିଲେ । ତେଣୁ ମହିପୁର ବନ ବିଭାଗ ନାମରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବନ ବିଭାଗର ନୟାଗଡ଼ ରେଞ୍ଜରେ ଅନେକ ଅନିୟମିତତା ହୋଇଛି । ଅଭିଯୋଗର ଠିକ୍ ଉତ୍ତର ନ ଦେଇ ପାରିବାରୁ ଉପସ୍ଥିତ ବନ କର୍ମଚାରୀ ପ୍ରସ୍ତୁତ ହୋଇ ଆସିବା ପାଇଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ତାଗିଦା କରିଥିଲେ । ଜଳ ବିଭାଜିକା ବିଭାଗରେ ଠିକ ସୂଚନା ଫଳକ ନ ହେବା , ପୋଖରୀ ନ ଖୋଳି ବିଲ୍ ପରେ ତାହାକୁ ରିକୋଭରି ପାଇଁ ଚିଠି ହୋଇ ଥିଲେ ମଧ୍ୟ ତାହାକୁ ଅଣଦେଖା କରିବା , ସି-୧,ଓ ସି-୨ ରେ ଜବ୍‌କାର୍ଡଧାରୀଙ୍କ ଦସ୍ତଖତ ମେଳ ନ ହେବା , କାଜୁ ଗଛ ନ ଥାଇ ଜଳ ବିଭାଜିକା ଦ୍ୱାରା ହିତାଧିକାରୀଙ୍କ ନାମରେ ବିଲ ହୋଇଥିବା ଆଦି ଅନେକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା । ଏ ବାବଦରେ ଅଣ୍ଡୁସମ୍ୟାନଙ୍କୁ ଜଣାଇବା ପାଇଁ ଜିଲା ସାମାଜିକ ସମୀକ୍ଷକ ବିଜୟ ବଳିୟାରସିଂ କହିଥିଲେ । ତେବେ କାହାରି ନାମ ନ ନେଇ ଜଳ ବିଭାଜିକ ବିଭାଗର ଜଣେ କର୍ମଚାରୀ ଅନେକ ଅନିୟମିତତା କରିଥିବା ନେଇ ଜଳ ବିଭାଜିକା ଯନ୍ତ୍ରୀ ହରପ୍ରସାଦ ରଥ ଶିବିରରେ ଜଣାଇଥିଲେ। ସାମାଜିକ ସମୀକ୍ଷା କରୁଥିବା ଭିଆରପିମାନଙ୍କୁ ଜଳ ବିଭାଜିକା ବିଭାଗ ହେୟଜ୍ଞାନ କରନ୍ତୁ ନାହିଁ ବୋଲି ଜିଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲବର୍ଟ ଲାର୍କା କହିଥିଲେ । ୧ ଅକ୍ଟୋବର ୨୦୨୩ରୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ କରାଯାଇଥିବା ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନ ଶୁଣାଣିରେ ଏପିଡି ଲାର୍କା , ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ, ନୂଆଗାଁ ବିଡିଓ ବାସୁଦେବ ନାୟକ , ବ୍ଲକ ଉପାଧ୍ୟକ୍ଷ ସ୍ୱାଇଁ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା , ବ୍ଲକ ସାମାଜିକ ସମୀକ୍ଷକ ଦଳବେହେରା ଯୋଗ ଦେଇଥିବା ବେଳେ ଏପିଓ ଅମରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜନ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

- ଆସିଲେନି ମହିପୁର ରେଞ୍ଜ କର୍ମଚାରୀ
- ଜଳ ବିଭାଜିକା ବିଭାଗ ନାମରେ ବହୁ ଅଭିଯୋଗ
- ନୟାଗଡ଼ ରେଞ୍ଜ ବନ ବିଭାଗ କର୍ମଚାରୀଙ୍କୁ ତାଗିଦ କଲେ ଉପାଧ୍ୟକ୍ଷ

# ନୟାଗଡ଼,ଦଶପଲ୍ଲାରୁ ୨ ଶିଶୁ ଶ୍ରମିକ ଉଦ୍ଧାର

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ବୁଧବାର ନୟାଗଡ଼ ଓ ଦଶପଲ୍ଲାରୁ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସୋମାନଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ଶିଶୁଗୃହରେ ରଖାଯାଇଛି। ଦଶପଲ୍ଲା ବ୍ଲକ ଜଗାପୁର ରୋଡ଼ ପାଖ ରୟାଲ ହୋଟେଲରୁ ଜଣେ ୧୪ବର୍ଷର ନାବାଳକଙ୍କୁ ଉଦ୍ଧାର କରା ଯାଇଛି । ତାଙ୍କ ଘର ବାଣିଗୋଚ୍ଛା ଥାନା ଚଢ଼େୟାପଲ୍ଲୀ ଗାଁରେ । ସେହିଭଳି ନୟାଗଡ଼ ସହର ତ୍ରିନାଥ ଛକରେ ଥିବା ଏକ ଜଳଖିଆ ଦୋକାନରୁ ଅନୁରୂପ ଭାବେ ଅନ୍ୟଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକଙ୍କ ଘର ବାଣିଗୋଚ୍ଛା ଥାନା ଚଢ଼େୟାପଲ୍ଲୀ ପଞ୍ଚାୟତ ବାମଗାଁରେ । ଏହି ଚଢ଼ାଉ ଟିମ୍‌ରେ ନୟାଗଡ଼ ଓ ଦଶପଲ୍ଲା ପୋଲିସ ସମେତ ଚନ୍ଦ୍ରଶେଖର ବେହେରା, ସୁଜାତା ବେହେରା ସାମିଲ ଥିଲେ।

# ଯୁବକଙ୍କୁ ଆକ୍ରମଣ ଘଟଣା, ୫ ଅଭିଯୁକ୍ତ ଜେଲ ଗଲେ



ଗିରଫ ୫ ଅଭିଯୁକ୍ତ।

ନୟାଗଡ଼/ଭାପୁର,୧୮ ।୯
(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲାର ଫତେଗଡ ଥାନା ଭଗବାନପୁର ଗ୍ରାମରେ ରାଜନୈତିକ ଶତ୍ରୁତାରୁ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସମେତ ୫ଜଣ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ମୁଖ୍ୟ ଅଭିଯୁକ୍ତ ଭଗବାନପୁର ଗ୍ରାମର ବିଷ୍ଣୁ ପ୍ରସାଦ ସାହୁ(୨୧), ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଆଶିଷ ବେହେରା (୧୯) , କଟକ ଜିଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ବିଭୂତି ସାହୁ(୨୦), ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ସମିତି ସଭ୍ୟ ନାରାୟଣ ସାମଲ (୩୮) ଓ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ନୀଳାଞ୍ଚଳ ବେହେରା (୨୮)ଙ୍କୁ ଜେଲ ପଠାଇ ଦିଆଯାଇଛି। ଗତ ୮ ତାରିଖ ସନ୍ଧ୍ୟାରେ ଭଗବାନପୁର ଗ୍ରାମରେ ରାଜନୈତିକ ଶତ୍ରୁତାରୁ ଅଖିଳ ସାହୁଙ୍କୁ (୩୨) ହତ୍ୟା ଉଦ୍ୟମ କରାଯାଇଥିଲା। ଏନେଇ ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା(ନଂ.୨୨୫/୨୪) ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ବୁଧବାର ଫତେଗଡ଼ ଥାନାରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଭଗବାନପୁର ଗାଁରେ ଗଣ୍ଡଗୋଳ ଘଟଣା ପୋଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା ।ଏସ୍‌ପିଙ୍କ ନିର୍ଦ୍ଦେଶରେ ପାଞ୍ଚ ଗୋଟି ଟିମ ଗଠନ କରାଯାଇଥିଲା। ପରେ ପୋଲିସ ସିସିଟିଭି ଫୁଟେଜ ସହିତ ତଦନ୍ତ ଚାଲୁ ରଖି ସଫଳ ହୋଇଥିଲା।

# ଗୋକୁଳାନନ୍ଦ ପୀଠରେ ଭାଗବତ ଜନ୍ମ

ଖଣ୍ଡପଡ଼ା,୧୮।୯(ଅଜୟ କୁମାର ମହାରଣା)

ଭାଦ୍ରବ ପୂର୍ଣ୍ଣିମାରେ କଣ୍ଟିଲୋ ନୀଳମାଧବ ପୀଠ, ରାଧାମୋହନ ଜୀଉ ମଠ, ଖଳିସାହିସ୍ଥ ଜଗନ୍ନାଥ ମନ୍ଦିର ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉପୀଠରେ ବୁଧବାର ଭାଗବତ ଜନ୍ମ ମହା ସମାରୋହରେ ପାଳିତ ହୋଇଯାଇଛି। ଧର୍ମ ସଂସ୍ଥାପନା କରି ଭାଗବାନ ଶ୍ରୀକୃଷ୍ଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ତାଙ୍କ ଆଶ୍ରୟରେ ଥିବା ଧର୍ମ ଭାଗବତରେ ଶରଣ ନେଲେ । ଏଣୁ ଭାଗବତକୁ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଭାବେ ପୂଜାର୍ଚ୍ଚନା କରାଯାଏ । ଏହି ଅବସରରେ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ ଓ ଜଗନ୍ନାଥ ମନ୍ଦିରରେ ସକାଳୁ ମଙ୍ଗଳ ଆଳତୀ କରାଯାଇ ସୂର୍ଯ୍ୟପୂଜା ପରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ସହ ବୁଧବାର ପୂର୍ବାହ୍ନରୁ ଏଠାରେ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଗୋକୁଳାନନ୍ଦ ପୀଠରେ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଦିନ ତମାମ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଯୁବକମାନେ ଶ୍ରୀମଦ ଭାଗବତ ଦ୍ୱାଦଶ ସ୍କନ୍ଧ ପଠନ କରିଥିଲେ । ଉକ୍ତ ପୀଠରେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଦ୍ୱାରା ୧୨ ସ୍କନ୍ଧ ଭାଗବତ ପଠନ କରାଯାଇଥିଲା । ଠାକୁରଙ୍କ ମଙ୍ଗଳ ଆଳତୀ ପରେ ଷୋଡଶ ଉପଚାର ପୂଜା ଓ ହୋମକାର୍ଯ୍ୟ ପୂଜାରୀ ବିରୁପାକ୍ଷ ମିଶ୍ର, ଅଖିଳ ପାଣି ପ୍ରମୁଖ ସମ୍ପାଦନ କରିଥିଲେ। ପୂଜା କମିଟିର ସମ୍ପାଦକ ଚନ୍ଦ୍ର ଶେଖର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ହାଇୱା ଧକ୍କାରେ ଜଣେ ଗୁରୁତର, ଉତ୍ତେଜନା

ଖଣ୍ଡପଡ଼ା,୧୮।୯ (ଅଜୟ କୁମାର ମହାରଣା)

ବୁଧବାର ପ୍ରାତଃ ପ୍ରାୟ ୫ଟା ସମୟରେ ଭାପୁର ବ୍ଲକ୍ ଅଧୀନ ପଥରଚକଡା ପଞ୍ଚାୟତ ଚଷାସାହି ମୁଖ୍ୟରାସ୍ତାରେ ସିଧାମୂଳା ବାଲିଘାଟକୁ ଦ୍ରୁତଗତିରେ ଯାଉଥିବା ଏକ ହାଇୱା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି । ସେ ହେଲେ ପଥରଚକଡା ଚଷାସାହିର ବାସିନ୍ଦା ରମାକାନ୍ତ ରାଉତ(୬୫)। ସେ ସକାଳୁ ରାସ୍ତା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ସ୍ଥାନୀୟ ବାସିନ୍ଦା ମୁନା ଶତପଥୀ, ମନୋଜ ସ୍ୱାଇଁ, ରମେଶ ରାଉତ, ବଳରାମ ରାଉତ, ପ୍ରଶାନ୍ତକୁମାର ବେହେରା, ପ୍ରଭାତ ନାୟକ, ସମିତି ସଭ୍ୟ ଦେବାର୍ଚ୍ଚନ ଡ଼ାଲୁଆ, ଛବି ଗୋଚ୍ଛି ପ୍ରମୁଖ ରାଉତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ । ଦୁର୍ଘଟଣା ଘଟାଇ ହାଇୱା ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଛନ୍ତି । ଏହି ଘଟଣା ଜଣାପଡିବା ପରେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟତ କରୁଥିବା ପ୍ରାୟ ୩୦ ହାଇୱା ଗାଡ଼ିକୁ ଅଟକାଇ ରଖିଥିଲେ । ଫଳରେ ମହାନଦୀ ଘାଟରୁ ଆସୁଥିବା ହାଇୱା ଗାଡି ରାସ୍ତା ଉପରେ ଅଟକିରହିଥିଲା। ଏଥିଯୋଗୁ କଳାପଥର- କଣ୍ଟିଲୋ ଉଭୟ ପାର୍ଶ୍ୱରୁ ଯାତାୟତ କରୁଥିବା ବିଭିନ୍ନ ଯାନବାହନ ଅଟକି ରହିଥିଲା । ଶେଷରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲା।



ରାସ୍ତା ଉପରେ ଅଟକ ରଖାଯାଇଥିବା ହାଇୱା ଗାଡ଼ି ।

# ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ



ଦଶପଲ୍ଲା,୧୮।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଦୁର୍ଗା ବଜାର କଲୋନୀ ପରିସରରେ ଚାଲିଥିବା ଶ୍ରୀମଦ୍ ଭଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ୧୧ ତାରିଖରୁ ଏହି ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଥିଲା । ଉଦ୍‌ଘାଟନ ଦିବସରେ କଳସ ଯାତ୍ରା ସହ ପ୍ରତ୍ୟହ ସୂର୍ଯ୍ୟ ପୂଜା, ଭାଗବତ ପଠନ ସହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରବଚନ କାର୍ଯ୍ୟକ୍ରମରେ ଭଦ୍ରକର ବିଜୟ ରାଘବ୍ରେ ଦାସ ମହାରାଜା,ପୁରୀର ପଣ୍ଡିତ ଲକ୍ଷଣ ଦାଶ ମହାରାଜା ଏବଂ ନୟାଗଡ଼ର ପଣ୍ଡିତ ଗୋପାଳ ଚନ୍ଦ୍ର ରାୟଗୁରୁ ପ୍ରମୁଖ ପ୍ରଚନ ଦେଇଥିଲେ। ପ୍ରତ୍ୟହ ଧାରାବାହିକ ପ୍ରବଚକ ଭାବେ ହରିହର ପଣ୍ଡା ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା,ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦାନ କରିଥିଲେ । ବ୍ୟାସ ଭାବେ ସନାତନ ଦାସୀ ମହାରାଜା, ଆଚାର୍ଯ୍ୟ ରୁପେ ରାଜେଶ କୁମାର ମିଶ୍ର ଏବଂ ପ୍ରମୋଦେନ୍ଦୁ ଜ୍ଞାନ ସୁନ୍ଦର ଦାଶ ଥିଲେ।

# ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ନୟାଗଡ଼,୧୮।୯ (ଲୋକନାଥ ମିଶ୍ର)



ନୟାଗଡ଼ ବ୍ଲକ ବରପଲ୍ଲୀ ଉଚ୍ଚବିଦ୍ୟାଳୟ ଠାରେ ଚାଲୁଥିବା ୧୦ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଏହି ଶିବିର ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷକ ବ୍ରଜକିଶୋର ଲେଙ୍କା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଲିଲି ଷଡ଼ଙ୍ଗୀ, ଗୋଡ଼ିପଡା ଶ୍ରୀଲଡୁକେଶ କଲେଜର ସଂସ୍କୃତ ଅଧ୍ୟାପକ ସନ୍ତୋଷ କୁମାର ସାହୁ, ଭାଗିରଥୀ ହାଇସ୍କୁଲ ଗୋବିନ୍ଦପୁରର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ସରଳ ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ଜୟକୃଷ୍ଣ ସାହୁ, ଅନିଲ କୁମାର ଦାଶ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଶିକ୍ଷକ ଗୋସ୍ୱାମୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରା




ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରା ନୟାଗଡ ସହରରେ ବୁଧବାର ଉଦ୍‌ଘାଟିତ ହୋଇଛି। ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରକୁ ଉଦ୍‌ଘାଟନ କରିଥିଲେ । ନୟାଗଡ ପୁରୁଣା ସହରର ଜିଲା ପାଠାଗାର ଠାରୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା । ବିଦ୍ୟାଳୟରେ ପହଞ୍ଚିବା ପରେ ସ୍ୱଚ୍ଛତା ଉପରେ ଶପଥ ପାଠ କରିଥିଲେ । ନିଜେ ଜିଲାପାଳ ଶପଥ ପାଠ କରାଇଥିଲେ । ଶେଷରେ ୨୦୦ ଚାରା ରୋପଣ ବିଦ୍ୟାଳୟ ପରିସରରେ ହୋଇଛି । ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ବଳ ଓ ରୋଜିନା ଦାସ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୮।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ, କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଉଦୟନାଥ ଦାସ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦଳେଇ, ଧୀରା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ସାଧାରଣ ଜ୍ଞାନ ପରୀକ୍ଷାରେ ଶ୍ରେଷ୍ଠ ବିବେଚିତ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରତି ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ବିଧାୟକ ଗୁରୁତ୍ୱାରୋପ କରିବା ସହ ପରୀକ୍ଷାରେ ୯୨ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ବିଧାୟକ ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

# ଜିଲାସ୍ତରୀୟ କବାଡ଼ି, ଖୋଖୋ ପ୍ରତିଯୋଗିତା



ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ଶରଣକୁଳ,୧୮।୯(ଦୀପକ କର)

ନୟାଗଡ଼ ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ପକ୍ଷରୁ ଏକାଦଶତମ ଜିଲାସ୍ତରୀୟ କବାଡି ଓ ଖୋଖୋ ମନୋନୟନ ପ୍ରତିଯୋଗିତା:୨୦୨୪-୨୫ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନୟାଗଡ଼ ଜିଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ, ୩ନଂ.ଜୋନ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ଆରକ୍ଷୀ ଉପଖଣ୍ଡ ଅଧିକାରୀ ସୁଧାକର ସାହୁ, ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ତଥା ବ୍ଲକ କ୍ରୀଡା ସଙ୍ଗଠନ ସଭାପତି ଗୀତାଞ୍ଜଳି ସାହୁ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ନାରାୟଣ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ କୁମାର ଦାଶ, ଜିଲା କ୍ରୀଡା ସଙ୍ଗଠନ ସମ୍ପାଦକ ଭାସ୍କର ଚନ୍ଦ୍ର ପ୍ରଧାନ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇ କ୍ରୀଡା, ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ସହାୟ ହେବା ସହିତ ଭାଇଚାରା ମନୋଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ । ସଭାକୁ ପରିଚାଳନା କରିଥିଲେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଗୋଦାବରୀ ବସନ୍ତିଆ ।

ଏହି କ୍ରୀଡା ପ୍ରତିଯୋଗିତାରେ ନୟାଗଡ଼ ଜିଲାର ଭାପୁର, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ନୂଆଗାଁ, ନୟାଗଡ଼, ରଣପୁର ଏବଂ ଓଡ଼ଗାଁ ବ୍ଲକରୁ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କ ମଧରୁ କବାଡି ଓ ଖୋଖୋରେ ବାଳକ ବିଭାଗରେ ୨ ଓ ବାଳିକା ବିଭାଗରେ ୨ ଦଳକୁ ଆସନ୍ତା ୨୦ ତାରିଖରେ ଚାମ୍ପିୟନ ରୁପେ ଘୋଷଣା କରାଯିବା ସହିତ ପୁରସ୍କୃତ କରାଯିବ । ସେହି ଚମ୍ପିୟନ ଟିମ୍ ରାଜ୍ୟସ୍ତରକୁ ଉନ୍ନୀତ ହେବେ ବୋଲି ଆୟୋଜକମାନେ କହିଛନ୍ତି । ଓଡ଼ଗାଁ ବ୍ଲକ କ୍ରୀଡା ସମ୍ପାଦକ ସତ୍ୟବାଦୀ ପ୍ରଧାନ, ଦାମୋଦର ସାହୁ, ସନ୍ୟାସୀ ପ୍ରଧାନ, ବିଜୟ କୁମାର ସେଠୀ, ଅଜୟ ବାରିକ, ଶରତ କୁମାର ସାହୁ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଜିଲାର ସ୍ରମସ୍ତ କ୍ରୀଡା ଶିକ୍ଷକ ଓ ନାରାୟଣ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

